ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.286 Bhubaneswar Saturday December 31 2022 | ୨୫ତମ ବର୍ଷ ସଂଖ୍ୟା-୨୮୬ ଭୁବନେଶ୍ୱର, ଶନିବାର, ଡିସେମ୍ବର ୩୧, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS


## ସ୍କୁଲ ଛାଡି କାହିଁକି ଦାଦନ ଯାଉଛନ୍ତି ପିଲା ?




ଭୁବନେଶ୍ୱର,୩୦।୧୨(ପି.ଏନ): ହାଇସ୍କୁଲ ପରେ ପାଠ ଛାଡୁଥିବା ୬୮% ପିଲା ଚାହାନ୍ତି ଧନ୍ଦାମୂଳକ ଶିକ୍ଷା। ଓଡିଶାର ତିନିଟି ଜିଲ୍ଲାରେ ଅନୁଧ୍ୟାନ ପରେ ଆଇଆଇଏସସି ବେଙ୍ଗାଲୁରୁ ଦେଇଛି ଏହି ରିପୋର୍ଟ ।ଯେଉଁ ବୟସରେ ପାଠ ପଢ଼ିବା କଥା ସେହି ବୟସରେ ସେମାନେ ଗାଈ ଓ ମେଣ୍ଢା ନେଇ ଜଙ୍ଗଲକୁ ଯାଆନ୍ତି। ନବମ ଓ ଦଶମ ପରେ ଅର୍ଥାତ୍ ମାଧ୍ୟମିକ ଶିକ୍ଷା ପରେ ସେମାନେ ଆଉ ପାଠ ପ ?। ଜାରି ରଖିପାରନ୍ତି ନାହିଁ। ଅର୍ଥାଭାବ ହୁଏ ମୁଖ୍ୟ ସମସ୍ୟା। ପାଠ ପଢ଼ିବା ବୟସର ଏହି ତରୁଣ ପିଲାମାନେ ବିଲରେ କାମ କରନ୍ତି, ଜଙ୍ଗଲରୁ କାଠ ଆଣନ୍ତି ଓ ଶେଷକୁ ରୋଜଗାରର ବାଟ ନପାଇ ଦାଦନ ଭାବେ ଚେନ୍ନାଇ କିମ୍ବା ମୁମ୍ବାଇ ଚାଲିଯାଆନ୍ତି। ସେମାନଙ୍କ ପାଠ ପଢ଼ିବା ଇଚ୍ଛା ସେମିତି ରହିଯାଏ। ସେଥିପାଇଁ ୬୮% ପିଲା ଚାହାନ୍ତି ସେମାନଙ୍କୁ ନବମ ଶ୍ରେଣୀରୁ ସାଧାରଣ ପାଠ ସହ ଧନ୍ଦାମୂଳକ ଶିକ୍ଷା ବା ଭୋକେସନାଲ୍ ଏଜୁକେସନ୍ ମିଳୁ। କୋରାପୁଟ, ରାୟଗଡା ଓ ଗଜପତିରେ ପ୍ରାୟ ଦୁଇ ବର୍ଷ କାଳ ଅନୁଧ୍ୟାନ କଲା ପରେ ତିନିଟି ଜିଲାର ୧୨୦ ପିଲାଙ୍କଠାରୁ ତଥ୍ୟ ନେଇ ଏଭଳି ନିର୍ଯାସରେ ପହଁଚିଛନ୍ତି ଭାରତର ପ୍ରଖ୍ୟାତ ବୈଜ୍ଞାନିକ ଅନୁଷ୍ଠାନ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନସର ଗବେଷକମାନେ। ବେଙ୍ଗାଲୁରୁରେ ଅବସ୍ଥାପିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନସର ଏନଆଇଏସ୍ ବା ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ ଷ୍ଟଡିଜର ମୁଖ୍ୟ ଗବେଷିକା ପ୍ରଫେସର ଜୀବନଲତା ସଲାମଙ୍କ ନେତୃତ୍ୱରେ ଏହି ଗବେଷଣା କରାଯାଇଥିଲା। ବେଙ୍ଗାଲୁରୁ ଏନଆଇଏସ୍ ବା ନ୍ୟା ସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସଡ ଷ୍ଟଡିଜର ସହଯୋଗୀ ଗବେଷକ ଶିବା ମୁଖୀ କହିଛନ୍ତି, ୬୮ ପ୍ରତିଶତ ପିଲା ପାଠ ସହ ଧନ୍ଦାମୂଳକ ଶିକ୍ଷା ଚାହିଁଛନ୍ତି। ନହେଲେ ସେମାନେ ପାଠ ପଢ଼ା ଜାରି ରଖିପାରୁନାହାନ୍ତି ବୋଲି କହିଛନ୍ତି। ଶିକ୍ଷା ଓ ଶିଳ୍ପ ମଧ୍ୟରେ ସମନ୍ୱୟ ଆବଶ୍ୟକ।କୋରାପୁଟର ଶିକ୍ଷକ ଚନ୍ଦ୍ରଶେଖର ପଟ୍ଟନାୟକ କହିଛନ୍ତି, ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ଭୋଜନ ଓ ପୋଷାକ ମିଳୁଛି। ନବମ ପରେ ସେ ସବୁ ମିଳୁନି। ଏପରି ସ୍ଥଳେ ପିଲାଙ୍କୁ ସ୍ୱତନ୍ତ୍ର ବିଦ୍ୟାଳୟ ଭଳି ଧନ୍ଦାମୂଳକ ଶିକ୍ଷା ଦେଲେ ସେମାନେ ସ୍ୱାବଲମ୍ବୀ ହେବା ସହ ପାଠ ପଢ଼ିପାରନ୍ତେ। କୋରାପୁଟ ଆଦିବାସୀ ସମାଜ ସଂପାଦକ ପଦ୍ମନାଭ ଜାନି କହିଛନ୍ତି, ପିଲାଙ୍କୁ ଆର୍ଥିକ ସହାୟତା ମିଳିବାରେ କଷ୍ଟ ହେଉଥିବାରୁ ସମାନେ ଦାଦନ ଶ୍ରମିକ ଭାବେ ଚେନ୍ନାଇ ଓ ମୁମ୍ବାଇ ପଳାଉଛନ୍ତି। ଶିକ୍ଷା ଓ ଶିଳ୍ପର କିଭଳି ସମନ୍ୱୟ ଘଟିବ ସେନେଇ ଏନଆଇଏସ୍ ଟିମ୍ ରାୟଗଡା ଗୁମ୍ମାରେ ଅକ୍ଟୋବର ମାସରେ ଏକ ଶିବିର ଆୟୋଜନ କରିଥିଲେ। ଜାତୀୟ ସ୍ତର ତୁଳନାରେ ଓଡିଶା ପିଲାଙ୍କ ହାଇସ୍କୁଲରୁ ପାଠ ଛାଡିବା ହାର ଦୁଇ ଗୁଣରୁ ଅଧିକ ରହିଛି। ନିକଟରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ୟୁଡିଏସଆଇଇ-ପ୍ଲସ୍-୨୦୨୧-୨୨ ରିପୋର୍ଟରେ ଜାତୀୟ ସ୍ତରରେ ନବମ ଓ ଦଶମ ଶ୍ରେଣୀ ପରେ ପାଠ ଛାଡୁଥିବା ପିଲାଙ୍କ ହାର ୧୨.୬% ହୋଇଥିଲା ବେଳେ ଓଡିଶାରେ ଏହି ହାର ୨୭.୩% ରହିଛି।

## ବିଶ୍ୱକପ୍ ହକି ବିରୁଦ୍ଧରେ ହଜାର ହଜାର ଉଠାଦୋକାନୀଙ୍କ ବିଡ଼ିଏ କାର୍ଯ୍ୟାଳୟ ଘେରାଉ

ଭୁବନେଶ୍ୱର, ୩୦।୧୨(ପି.ଏନ): ବିଶ୍ୱ ହକି କପ୍ ପାଇଁ ବିଡିଏ, ବିଏମ୍‌ସି ମାନ୍ୟବର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ, ସମ୍ବିଧାନର ଧାରା ଓ ଉଠାଦୋକାନୀ ଆଇନକୁ ଉଲଙ୍ଘନ କରି ୧୫ ହଜାରରୁ ଅଧିକ ଉଠାଦୋକାନୀଙ୍କୁ ଉଚ୍ଛେଦ କରିବା ଓ ୧ଲକ୍ଷ ଲୋକ ପ୍ରଭାବିତ ହେବା ପ୍ରତିବାଦରେ ଆଜି ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁଙ୍କ ନେତୃତ୍ୱରେ ହଜାର ହଜାର ଉଠାଦେକାନୀ ହାତରେ ପ୍ଲାକାର୍ଡ ଧରି ଖେଳ ଚାହୁଁ ଭାତ ଚାହୁଁ, ସ୍ମାର୍ଟସିଟି ଚାହୁଁ ରୋଟି ଚାହୁଁ, ସମ୍ବିଧାନର ଧାରାକୁ ୧୯(୧) (ଛ)କୁ ଅବମାନନା କରିବା ଚଳିବ ନାହିଁ, ଉଠାଦୋକାନୀ ଆଇନ ଅବମାନନା କରିବା ଚଳିବ ନାହିଁ ଆଦି ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ମାଷ୍ଟର କ୍ୟାଂଟିନ ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ରାମମନ୍ଦିର ଛକରେ ପହଂଚିବା ସମୟରେ ଏସିପି ମାନସ ଗଡ଼ନାୟକଙ୍କ ସହଯୋଗରେ ଏକ ୧୩ ଜଣିଆ ପ୍ରତିନିଧି ମଣ୍ଡଳୀ ବିଡ଼ିଏ କାର୍ଯ୍ୟାଳୟ ଯାଇଥିଲେ। ସେଠାରେ ବିଏମ୍‌ସିର ଉପ ସଚିବ ବିନୟ କୁମାର ଦାସ, ବିଡ଼ିଏର ଏନଫୋର୍ସମେଂଟ ଅତିରିକ୍ତ ସଚିବ ହରିଶ୍ଚନ୍ଦ୍ର ନାୟକଙ୍କ ସହିତ ଦୀର୍ଘ ୧ଘଂଟା ଧରି ମହାସଂଘର ବିଡ଼ିଏ କରୁଥିବା ଉଚ୍ଛେଦକୁ ତୁରନ୍ତ ବନ୍ଦ କରିବା, ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ କ୍ଷତିପୂରଣ ଦେବା ସହ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରିବା, ଉଚ୍ଛେଦ ସମୟରେ ଗାଳି ଗୁଲଜ କରୁଥିବା ଅଧିକାରୀମାନଙ୍କୁ ଅପରାଧିକ ଆଇନ ଅନୁଯାୟୀ ଗିରଫ କରିବା, ସମ୍ବିଧାନର ଧାରା ୨୨, ୧୯ (୧)ଛ କୁ ସମ୍ମାନ ଦେବା, ଉଚ୍ଛେଦ ସମୟରେ ମାନବିକତା ଅବଲମ୍ବନ କରିବା, ହକି ଖେଳ ପାଇଁ ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ମାସକୁ ୨୦ ହଜାର ଟଙ୍କା ଆର୍ଥିକ ଅନୁଦାନ ଦେବା, ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କର ତାଲିକା ଅନୁଯାୟୀ ସେମାନଙ୍କୁ ଏକମାସ ମଧ୍ୟରେ ଥଇଥାନ କରିବା, ଉଚ୍ଛେଦ ସମୟରେ ମହାସଂଘର କମିଟିକୁ ଡ଼ାକି ଆଲୋଚନା କରିବା, ଯେଉଁ ଜାଗାରେ ଭେଣ୍ଡିଂଜୋନ ତିଆରି କରାଯାଉଛି ପ୍ରଥମେ ସେହି ଅ ଳରେ ଥିବା ଉଠାଦୋକାନୀ ମାନଙ୍କୁ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରାଯିବା ଓ ମହାସଂଘ ସହିତ ଆଲୋଚନା କରିବା, ବିଡ଼ିଏ ସ୍କ୍ୱାର୍ଡ଼ ସହିତ ମହାସଂଘର ସ୍କ୍ୱାର୍ଡ଼କୁ ସାମିଲ୍ କରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା, ଭେଣ୍ଡିଂଜୋନରେ ଏସ୍ଏଚ୍‌ଜିମାନଙ୍କୁ ବାଦ୍ ଦିଆଯାଉ, ସ୍ମାର୍ଟସିଟିରେ ଦିଆଯାଇଥିବା କିଓସ୍କ ଗୁଡ଼ିକୁ ସିବିଆଇ ତଦନ୍ତ କରାଯାଉ ଆଦି ୧୨ ଦଫା ଦାବି ଉପରେ ଆଲୋଚନା କରାଯାଇଥିଲା। ଏହି ଦାବିଗୁଡ଼ିକୁ ବିଏମ୍‌ସି ଓ ବିଡ଼ିଏର ଅଧିକାରୀ ମାନିନେବା ସହ ଭବିଷ୍ୟତରେ ବିଡ଼ିଏ ବା ବିଏମ୍‌ସି ଅଧିକାରୀ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବେ ନାହିଁ ଏବଂ ଆଇନ ଅନୁଯାୟୀ ସେମାନଙ୍କୁ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।ଏଠାରେ ସୂଚନାଥାଉକି, ବିଏମ୍‌ସି, ବିଡ଼ିଏ, ନବୀନ ନିବାସ, କଳିଙ୍ଗ ଷ୍ଟାଡ଼ିୟମ ଘେରାଉ କରିବା ପାଇଁ ମହାସଂଘ ଡ଼ାକରା ଦେଇଥିବା ବେଳେ ବିଏମ୍‌ସି ଓ ବିଡ଼ିଏ ତରଫରୁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ନବୀନ ନିବାସ, କଳିଙ୍ଗ ଷ୍ଟାଡ଼ିୟମ ଓ ବିଏମ୍‌ସି ଘେରାଉକୁ ସ୍ଥଗିତ ରଖାଯାଇଥିଲା ବୋଲି ଶ୍ରୀ ସାହୁ କହିଛନ୍ତି।

## ୨ରେ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଓ 'କାଦମ୍ବିନୀ ପତ୍ରିକା ହାଟ'

### ନମିତା ଗୋଖିଲେ ପାଇବେ 'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୩'

ଭୁବନେଶ୍ୱର,୩୦।୧୨(ପି.ଏନ): ଓଡ଼ିଶାର ସର୍ବ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ'ର ବାର୍ଷିକ ସାହିତ୍ୟ ମହାକୁମ୍ଭ 'କାଦମ୍ବିନୀ ସାହିତ୍ୟ ମହୋତ୍ସବ' ଓ 'କାଦମ୍ବିନୀ ପତ୍ରିକା ହାଟ' ଆସନ୍ତା ଜାନୁଆରୀ ୨ ତାରିଖ (ସୋମବାର) ସକାଳ ୯.୩୦ ମିନିଟ୍‌ରେ ଭୁବନେଶ୍ୱରସ୍ଥ କିଟ୍ ବିଶ୍ୱବିଦ୍ୟାଳୟ କନ୍‌ଭେନ୍‌ସନ ସେଣ୍ଟରରେ ଅନୁଷ୍ଠିତ ହେବ। ଏହି ଅବସରରେ ପ୍ରଦାନ କରାଯିବାକୁ ଥିବା ମର୍ଯ୍ୟାଦାଜନକ 'ନୀଳିମାରାଣୀ ସାହିତ୍ୟ ସମ୍ମାନ', 'କାଦମ୍ବିନୀ ସାହିତ୍ୟ ସମ୍ମାନ' ସମେତ ଅନ୍ୟାନ୍ୟ ସମ୍ମାନ ଘୋଷଣା କରାଯାଇଛି ।ଘୋଷଣା ଅନୁଯାୟୀ, କାଦମ୍ବିନୀ ସାହିତ୍ୟ ଏକାଡ଼େମୀ ତରଫରୁ ବିଶିଷ୍ଟ ଲେଖିକା ତଥା ଜୟପୁର ଲିଟେରାରୀ ଫେଷ୍ଟିଭାଲର ସହ- ପ୍ରତିଷ୍ଠାତା ଓ ସହ-ନିର୍ଦ୍ଦେଶକ ନମିତା ଗୋଖ୍‌ଲେଙ୍କୁ ସମ୍ମାନଜନକ ଜାତୀୟସ୍ତରୀୟ 'ନୀଳିମାରାଣୀ ସାହିତ୍ୟ ସମ୍ମାନ-୨୦୨୩'ପ୍ରଦାନ କରାଯିବ। ସେହିଭଳି ବିଶିଷ୍ଟ ଲେଖିକା ସୁସ୍ମିତା ବାଗ୍‌ଚୀଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ମାନ-୨୦୨୩','ପକ୍ଷୀଘର'ର ସମ୍ପାଦକ ବନୋଜ ତ୍ରିପାଠୀଙ୍କୁ 'କାଦମ୍ବିନୀ ସମ୍ପାଦକ ସମ୍ମାନ-୨୦୨୩' ପ୍ରଦାନ କରାଯିବା ସହିତ ବରିଷ୍ଠ ସାହିତ୍ୟିକ ଗଣେଶରାମ ନାହାକ ଓ ରବୀନ୍ଦ୍ର ନାଥ ମିଶ୍ରଙ୍କୁ 'କାଦମ୍ବିନୀ ସାହିତ୍ୟ ସମ୍ବର୍ଦ୍ଧନା-୨୦୨୩'ରେ ସମ୍ବର୍ଦ୍ଧିତ କରାଯିବ। ପ୍ରଖ୍ୟାତ କଥାକାର ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା 'କାଦମ୍ବିନୀ ସାହିତ୍ୟ ମହୋତ୍ସବ'ର ଉଦ୍‌ଘାଟନୀ ଅଧିବେଶନରେ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବରେ ଯୋଗଦେବେ ବିଶିଷ୍ଟ ସାହିତ୍ୟିକ ତଥା ଜାତୀୟ ସାହିତ୍ୟ ଅକାଦେମୀର ଉପସଭାପତି ମାଧବ କୌଶିକ ଏବଂ ସମ୍ମାନିତ ଅତିଥିଭାବରେ ଯୋଗଦେବେ ବିଶିଷ୍ଟ ଭାରତୀୟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ସଚିନ୍ ପିଲଗାଓଁକର, ବିଶିଷ୍ଟ ଭାରତୀୟ ଚଳଚ୍ଚିତ୍ର ଅଭିନେତ୍ରୀ ସୁପ୍ରିୟା ପିଲଗାଓଁକର ଓ ପ୍ରସିଦ୍ଧ ଲେଖିକା ତଥା ସମାଜସେବୀ ଦୀପା ଦେଶମୁଖ। ମହୋତ୍ସବର ଦ୍ୱିତୀୟ ଅଧିବେଶନ 'ବହୁଭାଷୀ କଥା ଓ କବିତା ପାଠ'କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବେ ବିଶିଷ୍ଟ ସାହିତ୍ୟି କ ତଥା କେନ୍ଦ୍ର ସାହିତ୍ୟ ଅକାଦେମୀର ଉପସଭାପତି ମାଧବ କୌଶକି ।ଏଥିର ନିମନ୍ତ୍ରିତ କବି ଓ କଥାକାରମାନଙ୍କ ଦ୍ୱାରା ସ୍ୱରଚିତ କବିତା ଓ କଥା ପାଠ ହେବ। କବିତା ଆବୃତ୍ତି କରିବେ ବିଶିଷ୍ଟ କବି, ସମ୍ପାଦକ ଓ ଫଟୋଗ୍ରାଫର ଲୀଳାଧର ମଣ୍ଡଲୋଇ, ବିଶିଷ୍ଟ ହିନ୍ଦୀ ଲେଖକ ଓ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପଙ୍କଜ ରାଗ, ବିଶିଷ୍ଟ କବି, ସମାଲୋଚିକା ଓ 'ଇଣ୍ଡିଆନ ଲିଟରେଚର' ସମ୍ପାଦିକା ସୁକ୍ରିତା ପଲ କୁମାର, ବିଶିଷ୍ଟ କବି ତଥା ଭୋପାଳ ସ୍ଥିତ ଭାରତ ଭବନର ମୁଖ୍ୟ ପ୍ରଶାସନିକ ଅଧିକାରୀ ପ୍ରେମ ଶଙ୍କର ଶୁକ୍ଳା, ବିଶିଷ୍ଟ ଗୁଜରାଟୀ ଲେଖିକା ଡ. ବର୍ଷା ଦାସ, ବିଶିଷ୍ଟ କବି, ଚିତ୍ରକର, କଳା ସମୀକ୍ଷକ ତଥା କେନ୍ଦ୍ର ସାହିତ୍ୟ ଅକାଦେମୀର ପ୍ରଶାସନିକ ଅଧିକାରୀ କୁମାର ଅନୁପମ, ବିଶିଷ୍ଟ ମରାଠୀ ବି, ଅନୁବାଦକ ଓ ସମ୍ପାଦକ ପ୍ରଫୁଲ୍ଲ ଦତ୍ତାତ୍ରେୟ ଶିଲେଦା, ବିଶିଷ୍ଟ କବି ତଥା ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ବିଶିଷ୍ଟ କବି ତଥା ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ବିଶିଷ୍ଟ କବି ଓ ଅନୁବାଦକ ପ୍ରବାସିନୀ ମହାକୁଡ଼, ବିଶିଷ୍ଟ ଲେଖିକା ଡ.ସୁଷମା ମିଶ୍ର, ବିଶିଷ୍ଟ କବି ଓ ସମ୍ପାଦକ ସୁଶାନ୍ତ ନାୟକ ଏବଂ ଗଳ୍ପ ପାଠ କରିବେ ବିଶିଷ୍ଟ ଔପନ୍ୟାସିକ ତଥା ଭାରତୀୟ ପୋଲିସ ସେବା ଅଧିକାରୀ ମନମୋହନ, ବିଶିଷ୍ଟ ହିନ୍ଦୀ ଲେଖକ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ ବିମଳ ଚନ୍ଦ୍ର ପାଣ୍ଡେ, ବିଶିଷ୍ଟ ବଙ୍ଗଳା ଲେଖିକା କାବେରୀ ରାୟ ଚୌଧୁରୀ, ବିଶିଷ୍ଟ ସାହିତ୍ୟିକ ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ ଓ ବିଶିଷ୍ଟ ସାହିତ୍ୟିକା ତଥା 'କାଦମ୍ବିନୀ' ସମ୍ପାଦିକା ଡ. ଇତି ସାମନ୍ତ। ଏହି ଏକଦିବସୀୟ ସାହିତ୍ୟ ମହାକୁମ୍ଭରେ ଭାଷା, କଳା, ସଂସ୍କୃତି ଓ ସାହିତ୍ୟପ୍ରେମୀ ଜନସାଧାରଣ ଯୋଗଦେବା ପାଇଁ 'କାଦମ୍ବିନୀ'ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଓ ସମ୍ପାଦିକା ଡ. ଇତି ସାମନ୍ତ ଅନୁରୋଧ କରିଛନ୍ତି।

## ହକି ବିଶ୍ୱକପ୍ : ଖେଳାଳି ରହିବାକୁ ଥିବା ହୋଟେଲରେ ଯାଂଚ କଲେ ଡିସିପି

ଭୁବନେଶ୍ୱର,୩୦।୧୨(ପି.ଏନ): ଆସନ୍ତା ୧୩ ତାରିଖରୁ ହକି ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଖେଳାଳିମାନେ ରହିବାକୁ ଥିବା ବିଭିନ୍ନ ହୋଟେଲ ବୁଲି ଯାଂଚ କରିଛନ୍ତି। ଶୁକ୍ରବାର ଅପରାହ୍ନରେ ଡିସିପିଙ୍କ ତତ୍ୱାବଧାନରେ କମିଶନରେଟ୍ ପୋଲିସ୍ ର ଟିମ୍ ବିଭିନ୍ନ ହୋଟେଲ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାକୁ ଯାଂଚ କରିଛନ୍ତି। ପୁରୁଷ ହକି ବିଶ୍ୱକପରେ ଅଂଶଗ୍ରହଣ କରୁଥିବା ସମସ୍ତ ଦଳ ଭୁବନେଶ୍ୱରର ନଅଟି ହୋଟେଲରେ ରହିବେ। ଜଣେ ଆଡିସିନାଲ ଡିସିପିଙ୍କ ନେତୃତ୍ୱରେ ୧୮ ପ୍ଲାଟୁନ ପୋଲିସ ଫୋର୍ସ ୨୪ ଘଂଟା ଖେଳାଳିଙ୍କ ସୁରକ୍ଷା ବ୍ୟବସ୍ଥାରେ ମୁତୟନ କରାଯାଇଛି। ଖେଳାଳିମାନେ ମ୍ୟାଚ୍ ଖେଳିବା ଏବଂ ଅଭ୍ୟାସ କରିବା ପାଇଁ ଯିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି। ସେହିପରି ଖେଳାଳିଙ୍କୁ ପାରମ୍ପରିକ ଭାବେ ସ୍ୱାଗତ କରିବା ଏବଂ ସେମାନଙ୍କ ପସନ୍ଦର ଖାଦ୍ୟ ପ୍ରଦାନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି ବୋଲି ହୋଟେଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ନାଲକୋରର ନୂତନ ଡାଉନଷ୍ଟ୍ରିମ୍ ଉତ୍ପାଦ କେନ୍ଦ୍ର ଖଣି ସଚିବଙ୍କଦ୍ୱାରା ଶୁଭାରମ୍ଭ

ଭୁବନେଶ୍ୱର,୩୦।୧୨(ପି.ଏନ): ନବରତ୍ନ ରାଷ୍ଟ୍ରାୟତ ଉଦ୍‌ଯୋଗ, ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲକୋ), ଏକ ନୂତନ ଡାଉନଷ୍ଟ୍ରିମ୍ ଉତ୍ପାଦ- ଆଲୁମିନିୟମ୍ ଏଲଇଡି କ୍ୟାପ୍ ଷ୍ଟକ୍ ଏଲୋୟ ଇଇ୧୧୦୦ ର କଏଲ୍ ଫର୍ମ ଏଁ୧୨ ସହିତ ଲଞ୍ଚ କରିଛି । ଭୁବନେଶ୍ୱରସ୍ଥିତ ନାଲକୋ କର୍ପୋରେଟ୍ କାର୍ଯ୍ୟାଳୟ ପରିଦର୍ଶନ ସମୟରେ କେନ୍ଦ୍ର ଖଣି ସଚିବ ଶ୍ରୀ ବିବେକ ଭରଦ୍ୱାଜଙ୍କ ଦ୍ୱାରାଆଭାସୀମାଧ୍ୟମରେ, ଅନୁଗୁଳ ସ୍ଥିତ ନାଲକୋର ସ୍‌ମେଲଟର ୟୁନିଟର ଆର.ପି.ୟୁଠାରୁ ଏହି ଉତ୍ପାଦ ଡିସେମ୍ବର ୨୯ ରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଅଛି । ଏହି ସମାରୋହରେ ଶ୍ରୀ ଶ୍ରୀଧର ପାତ୍ର, ସି.ଏମ୍.ଡି, ନାଲକୋ,ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଯୁଗ୍ମ ସଚିବ ଡଃ ବୀନା କୁମାରୀ ଡି, ନାଲକୋର ନିର୍ଦ୍ଦେଶକ ମଣ୍ଡଳି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




ଉକ୍ତ ଉନ୍ମୋଚନ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ଉତ୍ପାଦନ ୟୁନିଟରେ ଅର୍ଥାତ୍ ଅନୁଗୁଳ ନାଲକୋ ସ୍‌ମେଲଟର ପ୍ଲାଣ୍ଟରେ ରୋଲ୍ଡ ପ୍ରଡକ୍ଟ ୟୁନିଟ୍ ରେ ସ୍ୱତନ୍ତ୍ରବ୍ୟବସ୍ଥା କରାଯାଇ, ଉତ୍ପାଦର ପ୍ରଥମ ସାମଗ୍ରୀକୁ ମଧ୍ୟ ପଠାଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏଲୋୟ ଇଇ୧୧୦୦ ଆଲୁମିନିୟମ୍ ଏଲଇଡି କ୍ୟାପ୍ ଷ୍ଟକ୍ କୁ ଆଲୁମିନିୟମ୍ କପ୍ ଉତ୍ପାଦନ ପାଇଁ ବ୍ୟବହୃତ ହୁଏ। ଏହା ସାଧାରଣତଃ ଏଲଇଡି ବଲ୍ବ ରେ କ୍ୟାପ୍ ଭାବରେ ବ୍ୟବହୃତ ହୁଏ ଯାହା ବଲ୍ବ ନିମନ୍ତେ ଉତ୍ତାପ ନିୟନ୍ତ୍ରଣର କାମ କରେ । ଉତ୍ତାପ ନିୟନ୍ତ୍ରଣର ପ୍ରୟୋଗଗୁଡ଼ିକ ପାଇଁ ଆଲୁମିନିୟମ୍ ଏକ ଆଦର୍ଶ ଓ ଉପଲବ୍ଧ ପଦାର୍ଥ । ଏଣୁ ଏହା ଏଲଇଡି ବଲ୍ବ କ୍ୟାପ୍ ପାଇଁ ଇଇ୧୧୦୦ ଅଧିକ ଉପଯୁକ୍ତ ଅଟେ । ଏହି ଡାଉନଷ୍ଟ୍ରିମ ଉତ୍ପାଦ ଦ୍ୱାରା ନାଲକୋର ବଜାର ସେୟାର୍ ରେ ବୃଦ୍ଧି ଘଟିବ।

## ମୃତ୍ୟୁ ପୂର୍ବରୁ ଇକୋ ରିଟ୍ରିଟ୍‌ରେ ରାତି କାଟିଥିଲେ ରୁଷୀୟ ସାଂସଦ, ନିଶାରେ ଥିଲେ ଟୁର୍




ରାୟଗଡା/ବାର୍ଲିଗୁଡା/ଭୁବନେଶ୍ୱର,୩୦।୧୨(ପି.ଏନ): ରୁଷୀୟ ସାଂସଦ ପାଭେଲ୍ ଆଣ୍ଟୋଭ ଓ ତାଙ୍କ ବନ୍ଧୁ ଭ୍ଲାଦିମିର ବିଦାନୋଭଙ୍କ ସନ୍ଦେହଜନକ ମୃତ୍ୟୁ ତଦନ୍ତ ପାଇଁ ରାୟଗଡ଼ାରେ କ୍ରାଇମବ୍ରାଞ୍ଚ ଟିମ୍। ଏହି ଟିମ୍ ଆଜି ଥାନାରେ ଏସ୍‌ଡିପିଓ ଦିବ୍ୟଜ୍ୟୋତି ଦାସ ଓ ଥାନା ଅଧିକାରୀ ରଶ୍ମିରଂଜନ ପ୍ରଧାନଙ୍କୁ ଭେଟିବା ପରେ, ମୃତକମାନେ ରହୁଥିବା ରାୟଗଡ଼ାର ହୋଟେଲ୍ ସାଇ ଇଣ୍ଟରନ୍ୟାସନାଲ ହୋଟେଲ୍‌କୁ ଯାଇ ଦିନ ତମାମ୍ ଫରେନ୍ସିକ ଟିମ୍ ସହ ଖୋଳତାଡ଼ କରିଛନ୍ତି ।ରାୟଗଡ଼ାର ହୋଟେଲ୍ ସାଇ ଇଣ୍ଟରନ୍ୟାସନାଲ ହୋଟେଲ୍ ?ରେ ଛାତଠୁ ଝରକା ପର୍ଯ୍ୟନ୍ତ ଘଣ୍ଟା ଘଣ୍ଟା ଧରି ଖୋଳତାଡ଼ କରିଛି କ୍ରାଇମ୍ ବ୍ରାଞ୍ଚ ଟିମ୍। ସବୁ ଜାଗାର ମାପଚୁପ, ଫଟୋଗ୍ରାଫି ଓ ଭିଡିଓ ସୁଟିଂ କରାଯାଇଛି। ଯେଉଁ ଝରକାରୁ ଖସିପଡ଼ି ରୁଷୀୟ ସାଂସଦ ପାଭେଲ୍ ଆଣ୍ଟୋଭ ପ୍ରାଣ ହରାଇଥିଲେ ସେଠାରେ ଡିଏସ୍‌ପି ସରୋଜ କୁମାର ମହାନ୍ତଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚ ଓ ଫରେନ୍ସିକ୍ ଟିମ୍‌ର ୧୦ ଜଣିଆ ଟିମ୍ ପହଞ୍ଚି ଦିନସାରା ଛାନ୍‌ଭିନ୍ କରିଛନ୍ତି। ଚେଷ୍ଟା କରିଛନ୍ତି, ଆଣ୍ଟୋଭ ଓ ତାଙ୍କ ବନ୍ଧୁ ଭ୍ଲାଦିମିର ବିଦାନୋଭଙ୍କ ସନ୍ଦେହଜନକ ମୃତ୍ୟୁର ରହସ୍ୟ ଭେଦିବାକୁ। ଏଥିସହ ମୃତକମାନଙ୍କ ପୋଷ୍ଟମର୍ଟମ କରିଥିବା ୪ଜଣ ଡାକ୍ତରଙ୍କୁ ବି ଡକାଇ ପଚରାଉଚରା କରିଛନ୍ତି। ତେଣେ ସମ୍ପୃକ୍ତ ୪ ରୁଷୀୟ ପର୍ଯ୍ୟଟକ ରାୟଗଡ଼ା ଯିବା ପୂର୍ବରୁ ଭୁବନେଶ୍ୱର ଓ କନ୍ଧମାଳର ଦାରିଙ୍ଗବାଡ଼ି ଯାଇଥିଲେ ବୋଲି ଜଣାପଡ଼ିଛି। ସେପଟେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଆଗକୁ ସାକ୍ଷୀମାନଙ୍କୁ ମଧ୍ୟ ଭେଟିବାର ସମ୍ଭାବନା ରହିଥିବା ଜଣାପଡିଛି ।ତଦନ୍ତ ଯେତେ ଯେତେ ଆଗକୁ ବଢୁଛି, ସାମ୍ନାକୁ ଆସୁଛି ସେତେ ନୂଆ ନୂଆ ତଥ୍ୟ। ଦିଲ୍ଲୀରୁ ଓଡ଼ିଶା ଆସିବା ପରେ ପ୍ରଥମେ ଭୁବନେଶ୍ୱରରେ ଥିଲେ ସମ୍ପୃକ୍ତ ୪ ରୁଷୀୟ ପର୍ଯ୍ୟଟକ ଲିଙ୍ଗରାଜ ମନ୍ଦିର ନିକଟରେ ଉଠାଇଥିଲେ ଫଟୋ। ରାଜଧାନୀର ଏହି ଦାମୀ ହୋଟେଲରେ ବୁକ୍ ହୋଇଥିଲା ୩ଟି ରୁମ୍। ୨୧୨ ନମ୍ବର ରୁମ୍ ?ରେ ଏକାଠି ରହୁଥିଲେ ଆଣ୍ଟୋଭ ଓ ଭ୍ଲାଦିମିର। ୨୩୦୫ରେ ନାଟାଲିଆ ଓ ମିଖାଇଲ୍ ରହୁଥିବା ବେଳେ, ୨୩୦୪ରେ ଥିଲେ ଟୁର୍ ଗାଇଡ୍। ସମସ୍ତେ ଡିସେମ୍ବର ୧୯ ଦିନ ଗୋଟାଏରେ ଚେକ୍ ଇନ୍ କରି, ୨୦ ତାରିଖ ସକାଳ ୮ଟା ୧୧ରେ ଚେକ୍ ଆଉଟ୍ କରିଥିଲେ ।ଭୁବନେଶ୍ୱରରୁ ସେମାନେ ଯାଇଥିଲେ କନ୍ଧମାଳର ଦାରିଙ୍ଗବାଡ଼ି। ସେଠାରେ କିରିକୁଟି ସ୍ଥିତ ପାନାସିଆ ଇକୋ ରିଟ୍ରିଟ୍ ?ରେ ରାତି ବିତାଇଥିଲେ। ରିସର୍ଟ ମ୍ୟାନେଜର ଏନେଇ ମୁହଁ ଖୋଲିନଥିବା ବେଳେ, କର୍ମଚାରୀ କାଳିଆ ସାହୁ କହିଛନ୍ତି ୪ ଜଣ ଯାକ ଏଠାରେ ପହଞ୍ଚିବା ବେଳକୁ ଅତ୍ୟଧିକ ନିଶାସକ୍ତ ଥିଲେ। ରାତି ସାରା ମଦ୍ୟପାନ କରିଥିଲେ। ୨୧ ତାରିଖ ସକାଳୁ ବ୍ରେଡ୍ ବଟର ଖାଇ ସଭିଏଁ ବାହାରି ଯାଇଥିଲେ ରାୟଗଡ଼ା ଅଭିମୁଖେ ।ମୃତ ରୁଷୀୟ ସାଂସଦ ଓ ତାଙ୍କ ବନ୍ଧୁ ଥିଲେ ଖ୍ରୀଷ୍ଟ ଧର୍ମାବଲମ୍ବୀ। ଏହାସତ୍ତ୍ୱେ ମୃତଦେହକୁ ପୁଲିସ ଦାହ ସଂସ୍କାର କରିବାକୁ ନେଇ ବି ଉପୁଜିଛି ସନ୍ଦେହ। ଏନେଇ ଚର୍ଚ୍ଚା ଜୋର ଧରିବା ପରେ, ନୂଆଦିଲ୍ଲୀରେ ଅବସ୍ଥାପିତ ରୁଷ ରାଷ୍ଟ୍ରଦୂତ ଡେନିସ୍ ଆଲିପୋଭ୍ ଟ୍ୱିଟ୍ କରିଛନ୍ତି ଯେ, ୨ ରୁଷୀୟଙ୍କ ମୃତ୍ୟୁ ମାମଲାର ତଦନ୍ତ ପାଇଁ ଭାରତ ସରକାର ନେଉଥିବା ପଦକ୍ଷେପକୁ ଆମେ ପ୍ରଶଂସା କରୁଛୁ। ରୁଷୀୟ ପରମ୍ପରା ଅନୁସାରେ, ଅନ୍ତିମ ସଂସ୍କାର ପାଇଁ ମୃତଦେହକୁ ଦାହ କରାଯାଇପାରିବ, କବର ମଧ୍ୟ ଦିଆଯାଇପାରିବ। ସେହିପରି କୋଲକାତା ସ୍ଥିତ ରୁଷୀୟ କନ୍‌ସୁଲେଟ୍ ଜେନେରାଲ୍ ଜଣାଇଛନ୍ତି ଯେ, ୨ ମୃତକଙ୍କ ମରଶରୀରକୁ ଦାହ କରିବାକୁ ସେମାନଙ୍କ ନିକଟ ସଂପର୍କୀୟ ସ୍ପଷ୍ଟ ରୂପେ ସହମତି ଜଣାଇଥିଲେ ଏବଂ ଚିତାଭସ୍ମକୁ ରୁଷିଆ ନେଇଯିବାକୁ କହିଥିଲେ। ସୂଚନା ଥାଉକି, ଚଳିତ ମାସ ୨୨ ଓ ୨୪ ତାରିଖରେ ରାୟଗଡ଼ାରେ ୨ରୁଷୀୟ ପର୍ଯ୍ୟଟକ ପାଭେଲ ଆନ୍ତୋଭ ଓ ଭ୍ଲାଦିମିରଙ୍କ ମୃତ୍ୟୁ ହୋଇଥିଲା। ମୃତ ପାଭେଲ ଆନ୍ତୋଭ ରୁଷର ସାଂସଦ ତଥା ଜଣେ କୋଟିପତି ବ୍ୟବସାୟୀ ଥିଲେ। ରୁଷ ୟୁକ୍ରେନ ଯୁଦ୍ଧ ସମୟରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ସମାଲୋଚନା କରି ଚର୍ଚ୍ଚାରେ ଥିଲେ ପାଭେଲ। ପାଭେଲ ନିଜ ଜନ୍ମଦିନ ପାଳନ ପାଇଁ ନିଜ ସାଙ୍ଗ ପାନ ସେଙ୍କ, ଟୁର୍ଭ, ଭ୍ଲାଦିମିର ବିଦାନୋଭଙ୍କ ସହ ଓଡ଼ିଶା ଆସିଥିଲେ ପାଭେଲ। ସେମାନେ ଟୁରିଷ୍ଟ ଭିସାରେ ଡିସେମ୍ବର ୧୯ ତାରିଖରେ ଦିଲ୍ଲୀ ପହଞ୍ଚି ଭାୟା ଭୁବନେଶ୍ୱର ହୋଇ ଡିସେମ୍ବର ୨୧ ତାରିଖରେ ପହଞ୍ଚିଥିଲେ ରାୟଗଡ଼ାରେ। ଦାରିଙ୍ଗବାଡ଼ି ବୁଲିବା ପରେ ପରବର୍ତ୍ତୀ ଗନ୍ତବ୍ୟସ୍ଥଳକୁ ଜୟପୁରକୁ ଯାଇଥାନ୍ତେ। ଏଥିପାଇଁ ହୋଟେଲର ଗୋଟିଏ ରୁମରେ ରହିଥିଲେ ଦମ୍ପତି ପାନ ସେଙ୍କ ଓ ଟୁର୍ଭ। ଆଉ ଏକ ରୁମରେ ରହିଥିଲେ ଭ୍ଲାଦିମିର ଓ ପାଭେଲ। କିନ୍ତୁ ୨୨ ତାରିଖରେ ଆକସ୍ମିକ ଭାବେ ରୁମରେ ପ୍ରାଣ ହରାଇଲେ ଭ୍ଲାଦିମିର୍। ଏହାର ଦୁଇ ଦିନ ପରେ ଅର୍ଥାତ ୨୪ ତାରିଖରେ ହୋଟେଲ୍ ତଳୁ ପାଭେଲଙ୍କ ମୃତଦେହ ମିଳିଥିଲା।

## ଥରେ ୱାର୍ଡ ମେମ୍ବର ହୋଇ ନଥିବା ଲୋକେ ମୋତେ ନୋଟିସ୍ ପଠାଇଛନ୍ତି: ସୁର



ଭୁବନେଶ୍ୱର ,୩୦।୧୨(ପି.ଏନ): "ଯେଉଁମାନେ ଥରେ ବି ୱାର୍ଡ ମେମ୍ବର ହୋଇ ନଥିବେ ସେମାନେ ମୋତେ କାରଣ ଦର୍ଶାଅ ନୋଟିସ ପଠାଇଛନ୍ତି। ମୁଁ ତ ୬ ଥର ବିଧାୟକ ହୋଇସାରିଲାଣି।" କିଛି ଦିନ ତଳେ ଦଳୀୟ ଶୃଙ୍ଖଳା ଭଙ୍ଗ କରିବା ଅଭିଯୋଗରେ କାରଣ ଦର୍ଶାଅ ନୋଟିସ୍ ପାଇଥିବା କଂଗ୍ରେସର ବରିଷ୍ଠ ବିଧାୟକ ସୁର ରାଉତରାୟ ଶୁକ୍ରବାର ଏମିତି କଥା କହି ବେଶ୍ ବର୍ଷିଛନ୍ତି ।ସୁର କହିଛନ୍ତି, ମୁଁ ୫୦ ବର୍ଷ ହେଲା କଂଗ୍ରେସ ସହ ଅଛି। ମୁଁ କଂଗ୍ରେସର ବିନ୍ଦୁଏ କ୍ଷତି କରି ନାହିଁ। କଂଗ୍ରେସ ପାଇଁ ମୁଁ ବହୁତ ମାଡ ଖାଇଛି ଓ ହଇରାଣ ହୋଇଛି। ମୁଁ ମଲା ପର୍ଯ୍ୟନ୍ତ କଂଗ୍ରେସ ଦଳରେ ରହିବି। କେତେକ କୁଚକ୍ରୀ ଲୋକ ମୋ ବିରୋଧରେ ଷଡଯନ୍ତ୍ର କରି ମୋତେ ନୋଟିସ ପଠାଇଛନ୍ତି। ସେମାନେ ଜୀବନରେ ଥରେ ବି ୱାର୍ଡ ମେମ୍ବର ହୋଇ ନଥିବେ। ମୁଁ ନୋଟିସ୍‌ର ଉତ୍ତର ଦେଇ ସାରିଛି। କିନ୍ତୁ ମୁଁ ଏନେଇ ସୋନିଆ ଗାନ୍ଧି, ରାହୁଲ ଗାନ୍ଧି ଓ ମଲ୍ଲିକାର୍ଜୁନ ଖଡଗେଙ୍କୁ ଭେଟି ଅଭିଯୋଗ କରିବି ।ଦଳୀୟ ଶୃଙ୍ଖଳା ଭଙ୍ଗ କରିବା ଅଭିଯୋଗରେ କଂଗ୍ରେସ ୨ଜଣ ବିଧାୟକ ସୁରେଶ କୁମାର ରାଉତରାୟ ଓ ମହମ୍ମଦ ମୋକିମଙ୍କୁ ଦଳ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ପଦ୍ମପୁର ଉପନିର୍ବାଚନରେ କଂଗ୍ରେସ ଭୋଟ୍ ବିକ୍ରି ହୋଇଗଲା ବୋଲି ସେମାନେ ଗଣମାଧ୍ୟମରେ ବିବୃତ୍ତି ଦେଇଥିବା କାରଣରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଉଭୟ ନେତାଙ୍କୁ ୭ଦିନ ମଧ୍ୟରେ ଜବାବ ରଖିବାକୁ କୁହାଯାଇଥିଲା।

## ଆଉ ଦିନକ ପରେ ନୂଆବର୍ଷ : ପୁରୀରେ ପର୍ଯ୍ୟଟକଙ୍କ ଭିଡ଼

ପୁରୀ, ୩୦।୧୨(ପି.ଏନ): ଆଉ ଦିନକ ପରେ ନୂଆ ବରଷ । ବିଦାୟ ନେବ ୨୦୨୨ ବର୍ଷ । ୨୦୨୩ ବର୍ଷର ଆଗମନ ହେବ । ନୂଆ ବରଷରେ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ପାଇଁ ପୁରୀକୁ ରାଜ୍ୟ ତଥା ଦେଶ ବିଦେଶରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି। ପରିବାର ସହିତ ପୁରୀରେ ଛୁଟି କଟାଇବା, ଜଗନ୍ନାଥ ଦର୍ଶନ ସାଙ୍ଗକୁ ସମୁଦ୍ର କୂଳରେ ବୁଲାବୁଲିର ମଜା ନେଉଛନ୍ତି ପର୍ଯ୍ୟଟକ ।








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

## ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍ଏମ୍ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଡିସେମ୍ବର ୩୧

# ମୂଳଟି ଅଟଇ ବିଶ୍ୱାସ...



ଚରାଚର ବିଶ୍ୱବ୍ରହ୍ମାଣ୍ଡର ଆଧାରଶୀଳା ହେଉଛନ୍ତି ଈଶ୍ୱର। ବ୍ୟବହାର ଜଗତରେ ସେ ହେଉଛନ୍ତି ବିଶ୍ୱାସର ପ୍ରତୀକ। ବିଶ୍ୱାସ ଶ୍ରଦ୍ଧା ସମନ୍ୱିତ ହୋଇ ସୃଷ୍ଟି ସମ୍ଭାରକୁ ସାକାର କରିବାରେ ସଫଳ ହୋଇଛି। ଭବାନୀ ଶଙ୍କରୌ, ବନ୍ଦେ ଶ୍ରଦ୍ଧା ବିଶ୍ୱାସ ରୂପିଣୌ। ଶ୍ରୀରାମ ଚରିତ ମାନସ। ସନ୍ଥ ତୁଳସୀ ଦାସ ଏହା ବର୍ଣ୍ଣନା କରିଛନ୍ତି। ଭବାନୀ ହେଉଛନ୍ତି ଭବ କାରିଣୀ, ଭବ ତାରିଣୀ, ଶ୍ରଦ୍ଧା ରୂପିଣୀ, ପ୍ରକୃତି ସ୍ୱରୂପା ବିଶ୍ୱ ଜନନୀ। ଶଙ୍କର ହେଉଛନ୍ତି ବିଶ୍ୱାସ ରୂପରେ ସାରା ବିଶ୍ୱ ସୃଷ୍ଟିର ମୂଳାଧାର ପରମ ପୁରୁଷ, ପରମ ପିତା ମହାଦେବ ଶିବ। ଶ୍ରଦ୍ଧା ଜୀବ ହେଲେ ବିଶ୍ୱାସ ପରମ। ଶ୍ରଦ୍ଧା ଜୀବାତ୍ମା ହେଲେ ବିଶ୍ୱାସ ପରମାତ୍ମା। ଶ୍ରଦ୍ଧା ପ୍ରକୃତି ହେଲେ ବିଶ୍ୱାସ ପୁରୁଷ ରୂପରେ ପ୍ରତିଷ୍ଠିତ। ଶ୍ରଦ୍ଧା ଶକ୍ତି ସନାତନୀ ଆଉ ବିଶ୍ୱାସ ହେଲେ ସତ୍ୟ ସ୍ୱରୂପ ସନାତନ ଶିବ। ଏହି ଦୃଶ୍ୟ ଅଦୃଶ୍ୟ ସବୁକିଛି ହେଉଛି ବିଶ୍ୱାସର ପରିପ୍ରକାଶ। ଶ୍ରଦ୍ଧାର ଘନୀଭୂତ ରୂପ ବିଶ୍ୱାସ ଏବଂ ବିଶ୍ୱାସର ବ୍ୟକ୍ତ ବିଭୁତି ଶ୍ରଦ୍ଧା ଅଟନ୍ତି। ଏକ ଶକ୍ତି ଦୁଇ ରୂପରେ ପ୍ରତିଭାତ। ପରମବ୍ରହ୍ମ ପରମାତ୍ମା ବିଶ୍ୱାସ ହେଲେ ଶ୍ରଦ୍ଧା ତାଙ୍କର ଶକ୍ତି। ବିଶ୍ୱାସ ଏହି ବିଶ୍ୱ ଚେତନାର ମୂଳ।

ବାସ୍ତବରେ ବିଶ୍ୱାସ ବିଶେଷ ପ୍ରଚେଷ୍ଟା କିମ୍ବା ପ୍ରମାଣ ଦ୍ୱାରା ପ୍ରାପ୍ତ ହୋଇ ନଥାଏ। ଏହା ଅନ୍ତରାତ୍ମାରେ ସ୍ୱତଃସ୍ଫୂର୍ତ୍ତ ସ୍ଫୁରଣ ହୋଇଥାଏ। ଶଙ୍କା ସନ୍ଦେହ ହେଉଛି ବିଶ୍ୱାସର ପରମ ଶତ୍ରୁ। ଅତ୍ୟନ୍ତ ସାବଧାନତାର ସହିତ ଚାରା ବୃକ୍ଷର ପୋଷଣ ଓ ସୁରକ୍ଷା ଲୋଡ଼ା ହେବାପରି ବିଶ୍ୱାସର ବୃଦ୍ଧି ଓ ସୁରକ୍ଷା ପାଇଁ ସତର୍କତା ଦରକାର। ତାହା ନହେଲେ ବିଶ୍ୱାସ ସନ୍ଦେହ ରୂପକ ବିଷ ବିଶ୍ୱାସକୁ ସମୂଳେ ଧ୍ୱଂସ କରିଦେବ। ସାମାନ୍ୟ ବିଷ ଯେପରି ସାରା ଅମୃତ ଭାଣ୍ଡକୁ ନଷ୍ଟ କରିଦେଇଥାଏ, ଠିକ ସେହିଭଳି ଶଙ୍କା, ସନ୍ଦେହ, ଅବିଶ୍ୱାସ ରୂପକ ବିଷ ବିଶ୍ୱାସର ଅମୃତ ଭାଣ୍ଡକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥାଏ। ବିଶ୍ୱାସ ବ୍ୟକ୍ତିକୁ ବଳିଷ୍ଠ କରେ, ଶକ୍ତି ସମ୍ପନ୍ନ କରେ, ଆପଦ ବିପଦରୁ ରକ୍ଷା କରେ। ବିଶ୍ୱାସ ହୀନ ଜୀବନ ଏକ ଅସହାୟ ଜୀବନ। ବିଶ୍ୱାସହୀନ ଜୀବନ ପ୍ରାଣହୀନ ଜୀବନ। ବିଶ୍ୱାସର ଅଭାବ ସବୁଠାରୁ ବଡ଼ ଅଭାବ। ସମସ୍ତ ମୂଳ ଦେଇ ଆମ ଭିତରେ ଥିବା



ବିଶ୍ୱାସର ବୀଜକୁ ସୁରକ୍ଷା ଦେବା ଦରକାର। ଅଧିକରୁ ଅଧିକ ଦୃଢ଼ୀଭୂତ କରିବା ଦରକାର। ଯେତିକି ବିଶ୍ୱାସ ଦୃଢ଼ିଭୂତ ହେବ, ସେତିକି ଜୀବନ ସୁନ୍ଦର, ମଧୁର ସୌଷ୍ଠବମୟ ହେବ। ବିଶ୍ୱାସ ବେଳେ ଜୀବନ ଆତ୍ମ ଚେତନାରେ ପରିପୂର୍ଣ୍ଣ ହୋଇଉଠିବ।

ବିଶ୍ୱାସରେ ଜୀବନର ସୃଷ୍ଟି। ପିତାମାତା ପ୍ରିୟ ପରିଜନ ବର୍ଗ ଗଭୀର ବିଶ୍ୱାସରେ ଶିଶୁକୁ ପ୍ରତୀକ୍ଷା କରନ୍ତି। ଆନନ୍ଦର ଆଗମନୀରେ ସ୍ୱାଗତ କରନ୍ତି। ବିଶ୍ୱାସରେ ଜୀବନର ବିକାଶ, ସ୍ଥିତି ଆଉ ସମୃଦ୍ଧି। ବିଶ୍ୱାସ ମଧ ଜୀବନର ପରିଣତିକୁ ପ୍ରତ୍ୟାଶା କରେ ସ୍ୱର୍ଗଦ୍ୱାର କିମ୍ବା ଶିବାଳୟର ଶ୍ମଶାନ ଘାଟରେ। ଖାଲି ସେତିକି ନୁହେଁ, ମୃତ୍ୟୁ ଉପରାନ୍ତ ମଧ ବିଶ୍ୱାସ ଆତ୍ମସତ୍ତାର ଉତ୍ତରଣରେ ଆସ୍ଥା ରଖେ। ବିଶ୍ୱାସ ବିନା ଜୀବନ ନାହିଁ। ଘର ସଂସାର, ପରିବାର, ବନ୍ଧୁ ପରିଜନ, ସବୁକିଛି ବିଶ୍ୱାସର ବଳିଷ୍ଠ ବନ୍ଧନରେ ବନ୍ଧା। ବିଶ୍ୱାସ ପାଇଁ ବିଶ୍ୱ ଏତେ ସୁନ୍ଦର। ବିଶ୍ୱାସର ଚେତନା ପ୍ରବାହରେ ସବୁକିଛି ପ୍ରାଣବନ୍ତ, ଚେତନାଯୁକ୍ତ, ବିଶ୍ୱାସର ଅସମ୍ଭବ ଶକ୍ତି। ଅସମ୍ଭବକୁ ସମ୍ଭବ କରିବାରେ, ଅଦ୍ଭୁତରୁ ଅଦ୍ଭୁତ ଚମତ୍କାରିତା ବିଶ୍ୱାସ ବଳରେ ପ୍ରକଟିତ ହୋଇଥାଏ। ଆମର ସମସ୍ତ ଶାସ୍ତ୍ର ପୁରାଣର ପୃଷ୍ଠା ସବୁ ବିଶ୍ୱାସର ବିଶେଷ ମହିମା ବର୍ଣ୍ଣନାରେ ଶ୍ରୀମଣ୍ଡିତ ହୋଇଛି।

ଶ୍ରୀଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ରଚନାକୁ ନେଇ ଶୁଣିଥିବା ଏକ ରୋଚକ କାହାଣୀ ମନକୁ ଆସୁଛି। ଭାଗବତ ରଚନା ପରେ ଜଗନ୍ନାଥ ଦାସ ଚିନ୍ତାକଲେ ଜଣେ ଜ୍ଞାନୀଗୁଣୀ ବ୍ୟକ୍ତିଙ୍କୁ ଟିକେ ଦେଖାଇଦେବା ପାଇଁ। ତାଙ୍କ ବିଚାରରେ ବ୍ରହ୍ମଗିରି ନିକଟସ୍ଥ କାଣ୍ଡଗଦାର ମନେଇ ସାହୁ ଜଣେ ଯୋଗ୍ୟ ବ୍ୟକ୍ତି ଥିଲେ। ତେଣୁ ଭାଗବତର ପାଣ୍ଡୁଲିପି ନେଇ ସେ ତାଙ୍କ ଘରେ ପହଞ୍ଚିଲେ ଏବଂ ନିଜର ଇଚ୍ଛା ବ୍ୟକ୍ତ କଲେ। ମନେଇ ସାହୁ କହିଲେ ଗୋସେଇଁ, ଆପଣ ଆପଣଙ୍କ ଲେଖା ସବୁ ଥୋଇ ଦେଇଯାଆନ୍ତୁ ମୁଁ ଦେଖି ଦେଇଥିବି। ଆପଣ ମାସକ ପରେ ଆସିବେ ନେଇଯିବେ। ମାସକ ପରେ ଜଗନ୍ନାଥ ଦାସ ଯାଇ ମନେଇ ସାହୁଙ୍କ ଘରେ ପହଞ୍ଚିଥିଲେ। ପଚାରିଲେ ଆଜ୍ଞା ଆପଣ ଟିକେ ଆଖି ପକାଇ ଦେଇଛନ୍ତି? ସେ କହିଲେ ହଁ ଦେଖିଛି ଲେଖା ଭଲ ହୋଇଛି, ହେଲେ ସାମାନ୍ୟ ଟିକେ ଲୁଣ ପଡ଼ିଥାଆନ୍ତା। ଜଗନ୍ନାଥ ଦାସ କହିଲେ- ଟିକେ ଲୁଣ ପକାଇ ଦେଲେନି? ମନେଇ ସାହୁ କହିଲେ ପକାଇ ଦେଇଛି, ସେଥିରେ ସେ ଚାରି ଧାଡ଼ି ମାତ୍ର ଯୋଡ଼ିଛନ୍ତି। 'କହଇଁ ଜଗନ୍ନାଥ ଦାସ, ମୂଳଟି ଅଟଇ ବିଶ୍ୱାସ। ବିଶ୍ୱାସ ବିନା କର୍ମ ଯେତେ ଫଳ ନଫଳେ କଦାଚିତେ।' ବାସ୍ତବରେ ଏହା ସର୍ବତୋ ଭାବେ ସତ୍ୟ। ବିଶ୍ୱାସ ବିନା କିଛି ନାହିଁ। ଏହା ସବୁ ଶାସ୍ତ୍ରର ମର୍ମବାଣୀ। ଜୀବନ ହେଉଛି ଶ୍ରଦ୍ଧା ବିଶ୍ୱାସର ସମ୍ମିଳିତ ରୂପ। ଯେଉଁଠି ଜୀବନ ଅଛି, ସେଠି ଶ୍ରଦ୍ଧା ଅଛି। ଯେଉଁଠି ଶ୍ରଦ୍ଧା ଅଛି ସେଠାରେ ବିଶ୍ୱାସ ଅଛି। ଯେଉଁଠି ବିଶ୍ୱାସ ଅଛି ସେଠାରେ ସୁଖ, ଶାନ୍ତି, ଆନନ୍ଦ ପରିପୂର୍ଣ୍ଣ ହୋଇ ରହିଛି। ଯେଉଁଠାରେ ସୁଖଶାନ୍ତି ଆନନ୍ଦ ଅଛି, ସେଠାରେ ଆନନ୍ଦକନ୍ଦ ଭଗବାନ ଅଛନ୍ତି। ଯେଉଁଠାରେ ଭଗବାନ ଅଛନ୍ତି ସେଠାରେ ସବୁ ଅଛି। ତେବେ ଆସନ୍ତୁ ବିଶ୍ୱାସ ରୂପକ ଈଶ୍ୱରଙ୍କୁ ଆବାହନ କରିବା, ଆରାଧନା କରିବା, ବିଶ୍ୱାସକୁ ଆଧାର କରି ସତ୍ୟ ପରମାନନ୍ଦ ହରିଙ୍କ ସହିତ ଏକୀଭୂତ ହୋଇଯିବା।

**ହେମନ୍ତ କୁମାର ପରିଡ଼ା, ମାଳତୀ କୁଞ୍ଜ, ପ୍ଲଟ ନଂ-୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ: ୮୭୬୩୧୦୭୧୨୬**

# ନୂଆବର୍ଷରେ ହଜିଯିବ ଶୀତ !

ହିମାଂଶୁଶେଖର ଆଚାର୍ଯ୍ୟ



ନୂଆବର୍ଷରେ ହଜିଯିବ ଶୀତ, ଗତ ତିନିଦିନ ହେଲା ରାଜ୍ୟରୁ ଶୀତ ଗାଏବ ହୋଇଯାଇଛି। ସାମୁଦ୍ରିକ ପବନ ପ୍ରବାହିତ ଯୋଗୁ ତାପମାତ୍ରା ବଢ଼ିବାରେ ଲାଗିଛି। ଏମିତିକି ସ୍ଥାନେସ୍ଥାନେ ୮.୫ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିଯାଇଛି ତାପମାତ୍ରା। ସୂଚନା ଅନୁସାରେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ଶୀତ ଲେଉଟିବନି। ପାଣିପାଗ ସୂଚନା ଅନୁଯାୟୀ ୨୦୨୩ ଜାନୁୟାରୀ ୧ ତାରିଖରେ ରହିବନି ଶୀତର ପ୍ରକୋପ। ନୂଆବର୍ଷର ପ୍ରଥମ ସପ୍ତାହରେ ସାମୁଦ୍ରିକ ବାୟୁର ପ୍ରଭାବ ଯୋଗୁ ରାଜ୍ୟରେ ବିଶେଷ ଶୀତର ପ୍ରକୋପ ରହିବ ନାହିଁ। ସୂଚନା ମୁତାବକ ରାତିର ତାପମାତ୍ରା ରାଜ୍ୟରେ ଅସ୍ୱାଭାବିକ ଭାବେ ଜାରି ରହିଛି। ପୁରୀରେ ତାପମାତ୍ରା ୨୪ ଡିଗ୍ରୀ, ଭୁବନେଶ୍ୱର ଓ କଟକରେ ୧୯.୮ଡିଗ୍ରୀ, ପାରାଦୀପରେ ୨୩.୨ ଡିଗ୍ରୀ, ଚାନ୍ଦବାଲିରେ ୨୨ ଡିଗ୍ରୀ, ଖୋର୍ଦ୍ଧାରେ ୨୧ ଡିଗ୍ରୀ, ମାଲକାନାଗିରିରେ ୨୦ ଡିଗ୍ରୀ ଓ ଜଗତସିଂହପୁରରେ ୨୦.୧ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ଉପକୂଳ ଓଡିଶାରେ ରାତିର ତାପମାତ୍ରା ୬ରୁ ୮ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହିଛି। ଅସନ୍ତା ସପ୍ତାହରେ ପାଗରେ କୌଣସି ପରିବର୍ତ୍ତନ ହେବାନାହିଁ ବରଂ ଅଧିକାଂଶ ସ୍ଥାନରେ ତାପମାତ୍ରା ୧୫ ଡିଗ୍ରୀ ଉପରେ ରହିବ। ପାଣିପାଗ କେନ୍ଦ୍ରର ବିଶେଷଜ୍ଞ ଉମାଶଙ୍କର ଦାସ କହିଛନ୍ତି ଯେ ପାଗ ମୁଖ୍ୟତଃ ଶୁଖିଲା ରହିଛି। କେତେକ ସ୍ଥାନରେ ଘନକୁହୁଡି ଦୃଶ୍ୟମାନ ହେଉଛି। ମାତ୍ର ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଛି।

ପିଲାଦିନେ ଆମେ ପଢିଥିଲୁ ବରଷକ ବାର ମାସ, ଛଅ ଋତୁ। ସେଥିମଧ୍ୟରୁ ଶୀତଋତୁ ଅନ୍ୟତମ। ପୌଷ ଓ ମାଘମାସକୁ ଶୀତଋତୁ କୁହାଯାଏ। ପିଲାମାନଙ୍କୁ ଋତୁଚକ୍ର ପଢାଯିବାବେଳେ ପଢାଯାଇଥିବା ଶୀତରେ ପୌଷ ମାଘମାସ, ଦେହରେ ରଖ ଶୀତବାସ। ଏ ପଦ୍ୟାଂଶଟିର ପ୍ରାସଙ୍ଗିକତା ଆଉ ରହୁନାହିଁ। ପୌଷମାସ ଅଧାଦିନ ସରିବାକୁ ବସିଲାଣି ତଥାପି ପଙ୍ଖା ବନ୍ଦ ହେଉନାହିଁ। ଦିନରେ ବି ତାତି ଅନୁଭୂତ ହେଉଛି। ଆଉ ମାଘ ମାସରେ ଶୀତ ବି ବାଘପରି ଆସୁନାହିଁ। ସୂଚନା ଅନୁଯାୟୀ ଡିସେମ୍ବର ୨୭ ତାରିଖ ସୁଦ୍ଧା ରାଜ୍ୟରେ ମାତ୍ର ୭ଟି ଥଣ୍ଡାରାତି ଅନୁଭୂତ ହୋଇଥିବାବେଳେ ୧୫ଟି ଉଷ୍ମରାତି ଅନୁଭୂତ ହୋଇଛି। ଏପରିକି ଚଳିତ ବର୍ଷ ଅଦ୍ୟାବଧି ଶୀତଲହରି ଅନୁଭୂତ ହୋଇନଥିବା ପାଣିପାଗ ବିଭାଗ ତରଫରୁ ସୂଚନା ଦିଆଯାଇଛି। ପୁଣି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି ଯେ ନଭେମ୍ବର ଓ ଡିସେମ୍ବରରେ କେନ୍ଦ୍ରୀୟ ଭାରତର ଗୁରୁଚାପ ବଳୟ ଉତ୍ତରା ବାୟୁକୁ ଓଡିଶା ପ୍ରବେଶ କରାଇବା ସହ ଶୀତର ପ୍ରଭାବ ବୃଦ୍ଧି କରିଥାଏ। ଚଳିତ ବର୍ଷ ନଭେମ୍ବର ମାସରୁ ୨-୩ଟି ଗୁରୁଚାପ ବଳୟ ସୃଷ୍ଟି ହୋଇଥିଲେ ମଧ୍ୟ ହିମାଳୟ ଅଞ୍ଚଳରେ ଶ୍ୱେତ ତୁଷାରର ଅଭାବ ଯୋଗୁ ଏପରି ପରିସ୍ଥିତି ଦେଖାଦେଇଛି। ଖାଲି ସେତିକି ନୁହେଁ ଏଥିପାଇଁ ରାତିର ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହୁଛି। ସତେ ଯେମିତି ଲାଗୁଛି ବିଗିଡି ଗଲାଣି ଋତୁଚକ୍ର।

ବିଶ୍ୱତାପନ ଓ ଜଳବାୟୁର ପରିବର୍ତ୍ତନ ଋତୁଚକ୍ରରେ ପରିବର୍ତ୍ତନ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଛଅଋତୁ ଆଜି ସାତସପନ। ଏବେ ବର୍ଷସାରା ମୁଣ୍ଡଫଟା ଖରା, ବର୍ଷକରେ ସାତରୁ ଆଠମାସ ଗ୍ରୀଷ୍ମର ପ୍ରକୋପ। ଏଥିପାଇଁ ହଜିଗଲାଣି ଶରତ, ହେମନ୍ତ ଓ ବସନ୍ତଋତୁ। ଆଉ ଚାରିମାସରୁ ଦୁଇମାସ ଶୀତ ଆଉ ଦୁଇମାସ ବର୍ଷା। ତାହାପୁଣି ଅଧିକାଂଶ ସମୟ ଲଘୁଚାପ ଜନିତବର୍ଷା। ଯେଉଁଥିପାଇଁ ପୌଷମାସରେ ବି ବୈଶାଖର ତାତି ଅନୁଭୂତ ହେଉଛି। ସତେଯେମିତି ଲାଗୁଛି ଋତୁଚକ୍ର ବିଗିଡିଗଲାଣି। ଯାହାର ପ୍ରଭାବ ପରିବେଶ ଉପରେ ପଡୁଛି। ରେକର୍ଡରୁ ଜଣାପଡେ ଚଳିତବର୍ଷ ଫେବୃଆରୀ ମଧଭାଗରୁ ରାଜଧାନୀ ଭୁବନେଶ୍ୱର ତାପମାତ୍ରା ୪୦.୪ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା। ପୂର୍ବରୁ ମଧ ଫେବୃଆରୀରେ ରାଜଧାନୀରେ ତାପମାତ୍ରା ୪୦ଡିଗ୍ରୀ ପାର କରିବାର ରେକର୍ଡ ରହିଛି। ୧୯୬୩ ଫେବୃଆରୀ ଭୁବନେଶ୍ୱର ତାପମାତ୍ରା ୪୨.୩ ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ବେଳେ, ୨୦୧୨ରେ ୪୦.୧ଡିଗ୍ରୀ, ୨୦୧୬ରେ ୪୦.୯ଡିଗ୍ରୀ, ୨୦୧୯ରେ ୩୯.୪ଡିଗ୍ରୀ ରହିଥିଲା। ଏହାର ନିରାକରଣ ପାଇଁ ପରିବେଶର ସୁରକ୍ଷା ସହ ଜଙ୍ଗଲ ସୁରକ୍ଷା ଏବଂ ନୂତନ ଜଙ୍ଗଲ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେବାକୁ ହେବ। ତାହାହେଲେ ଯାଇ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ। ଏସବୁ ସତ୍ତ୍ୱେ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିଦିନ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି। ଫଳରେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ହୋଇପାରୁନାହିଁ।

ଗତ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର, କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟା ହେଉଛି। ସେହିପରି ୨୦୧୫ରେ ଭୟଙ୍କର ଭୂମିକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ ଏହାର ପ୍ରଭାବ ଅନୁଭୂତ ହୋଇଥିଲା। ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା। ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟକୁ ଏବେ ଚାରିବର୍ଷ ପୂରିବାକୁ ଯାଉଛି। ସେହି ମହାପ୍ରଳୟର କଥା ମନେପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହାରି ଆସେ। ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂମିକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ। ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ। ଆଗାମୀ ଦିନରେ ପ୍ରକୃତିର ଏହି କ୍ରୁର ରୂପ କିଭଳି ଆକାର ଧାରଣ କରିବ ତାହା ଆମ କଳ୍ପନାର ବାହାରେ। ପ୍ରତି ମୁହୂର୍ତ୍ତରେ ମହାପ୍ରଳୟର ଆଶଙ୍କାରେ ଆମେ ଶଙ୍କିତ ଓ ଅତିଷ୍ଠ। ପରିସ୍ଥିତି ଏପରି ହୋଇଛି ଯେ ସାମାନ୍ୟ ଟିକେ ପବନ ହେଲେ ମହାବାତ୍ୟା ଓ ଲଘୁଚାପ ସୃଷ୍ଟି ହେଲେ ସୁନାମି ଆସିବାର ଆଶଙ୍କା ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଛି। ଜଙ୍ଗଲ ଧ୍ୱଂସ ହିଁ ଏହାର ପ୍ରମୁଖ କାରଣ ରୂପେ ଉଭା ହୋଇଛି।

ବର୍ଷ ବର୍ଷ ଧରି ପ୍ରକୃତିମାତା ଉପରେ ହୁମ୍‌ଦୁମ୍ ଚାଲିଛି। ମାଆ ଚପଳ ବାଳକର ହୁମ୍‌ଦୁମ୍ ସମ୍ଭାଳି ନିଏ। କିନ୍ତୁ ଏକବିଂଶ ଶତାବ୍ଦୀର ମଣିଷ ବଡ ହୋଇଛି। ଏହାର ଜ୍ଞାନ ହୋଇଛି। ବିଜ୍ଞାନ ବଳରେ ଜଗତକୁ ଜିଣିବାର ପ୍ରୟାସ ଜାରି ରଖିଛି। କିନ୍ତୁ ଏସବୁ ସତ୍ତ୍ୱେ ସେ ଜାଣି ନ ଜାଣିଲା ପରି ପ୍ରକୃତି ଉପରେ ଅତ୍ୟାଚାର କରିଚାଲିଛି। କାରଣ ଖୋଜି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା ଓ ଜଙ୍ଗଲ। ମାତ୍ର ଦ୍ରୁତ ଜନବିସ୍ଫୋରଣ, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ରହିବା ମୁଣ୍ଡାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି। ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି। ଖାଲି ସେତିକି ନୁହେଁ କଳକାରଖାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି। ଅଜ୍ଞାନ ବାଳକ ସିନା ଜାଣି ନ ଥିଲା, ହେଲେ ଏବର ବିଜ୍ଞାନୀପୁଅମାନେ ଭଲଭାବେ ଜାଣିଛନ୍ତି ଯେ ପ୍ରକୃତିମାତା ସୁକୁମାର ଭାବେ ଗଢା। ଯଦି ପୃଥିବୀର ତାପମାତ୍ରା ଆଉ ୩ ଡିଗ୍ରୀ ବଢି ଚାଲେ ତାହାହେଲେ ମେରୁ ନିକଟରେ ଜମା ହୋଇ ଜଳବାୟୁକୁ ନିୟନ୍ତ୍ରଣ କରୁଥିବା ବରଫ ପାହାଡ ସବୁ ତରଳି ଯିବ। ଏପରି ଭାବେ ଯଦି ବରଫ ତରଳେ, ସମୁଦ୍ର ଜଳ ପତ୍ତନ ଆଉ ୧୫ ଫୁଟ୍ ବଢିଯିବ। ୧୫ ଫୁଟ୍ ତ ଦୂରର କଥା, ଜଳପତ୍ତନ ୩ରୁ ୫ ଫୁଟ୍ ବଢିଗଲେ ସମଗ୍ର ବିଶ୍ୱ ପ୍ରଳୟରେ ଲୀନ ହେବ।

ପରିବେଶବିତ୍‌ମାନଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷାକରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ। ବର୍ତ୍ତମାନ ଗାଁଗଣ୍ଡା ବୃକ୍ଷଶୂନ୍ୟ। କାଁ ଭାଁ ଦୁଇ ଚାରିଟା ଗଛ ଥିବ କି ନ ଥିବ। ସେଗୁଡିକର ଶାଖା ମଧ କର୍ତ୍ତିତ। ଯାହାଫଳରେ ଅଦିନରେ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ଡାକିଆଣିଛୁ ବୋଲି କହିଲେ ଭୁଲ୍ ହେବନାହିଁ। ବିଗତ ଦିନରେ ମିଆଁମାର ଓ ବାଂଲାଦେଶରେ ସାମୁଦ୍ରିକ ବାତ୍ୟା ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟିଲା। ତାହାର ମୂଳ କାରଣ ହେଉଛି ଜଙ୍ଗଲ ଧ୍ୱଂସ। ଆମ ଦେଶରେ ମଧ ସେହିପରି ଜଙ୍ଗଲ ଧ୍ୱଂସ ଯୋଗୁଁ ଅସମୟରେ ବନ୍ୟା, ଝଡବାତ୍ୟା, ବଜ୍ରପାତ, ସୁନାମି, ଅଂଶୁଘାତ ଓ ଭୂକମ୍ପ ଭଳି ବିପର୍ଯ୍ୟୟର ସମ୍ଭାବନା ବଢି ବଢି ଚାଲିଛି। ଏଥିପାଇଁ ସବୁ ସ୍ତରରେ ସଚେତନତା ସୃଷ୍ଟି ହେବା ଦରକାର। ବୃକ୍ଷରୋପଣ, ନୂତନ ଜଙ୍ଗଲ ସୃଷ୍ଟି ଓ ହେନ୍ତାଳ ବନ ସୁରକ୍ଷା ସହ ସବୁଜ ବନାନୀ ସୃଷ୍ଟିପାଇଁ ସରକାରୀ ଓ ବେସରକାରୀ ସ୍ତରରେ ନିରନ୍ତର ପ୍ରୟାସ ଜାରି ରହିଲେ ଆମର ପ୍ରକୃତ ଲକ୍ଷ୍ୟ ହାସଲ ହୋଇପାରିବ। କାରଣ ବଢି ଚାଲିଛି କଙ୍କ୍ରିଟ ଜଙ୍ଗଲ। ଗଛକଟା ଅବାଧରେ ଚାଲିଛି। କାଗଜ କଲମରେ ନୂଆ ଚାରାଗଛ ଲଗାଯାଉଛି।

ପୌଷରେ ବୈଶାଖର ତାତି କାରଣରୁ ଅସ୍ୱାଭାବିକ ଭାବେ ତାପମାତ୍ରାର ପରିବର୍ତ୍ତନ ଆମ ପାଇଁ ଏଭଳି ସମସ୍ୟା ଡାକିଆଣୁଛି। ପୌଷର ସେ ଶୀତ ଆଉନାହିଁ କି ମାଘମାସରେ ଶୀତ ବାଘପରି ଆସୁନି। ଆଉ ଶରତ, ହେମନ୍ତ ଓ ବସନ୍ତ ଋତୁ କଥା ନକହିବା ଭଲ। ବର୍ଷସାରା ଖାଲି ତାତି ହିଁ ତାତି, ଯାହାଫଳରେ ପୌଷମାସରେ ବି ଶୀତନାହିଁ ଗରମ ବଢୁଛି। ଏଥିପ୍ରତି ଆମକୁ ସତର୍କ ଓ ସଚେତନ ରହି ପରିବେଶର ସୁରକ୍ଷା ସହିତ ବିଶ୍ୱତାପନକୁ ହ୍ରାସକରିବାର ବାଟ ଖୋଜିବାକୁ ହେବ!

*-ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨*

# ପ୍ରକୃତ ତପ !

ଅନ୍ତର୍ଯ୍ୟାମୀ ପଟ୍ଟନାୟକ



ମନୁଷ୍ୟ ପ୍ରତ୍ୟେକ ମୁହୂର୍ତ୍ତରେ ଆଗକୁ ପାଦ ବଢ଼ାଇବା ଉଚିତ। ଗତିହୀନ ଜୀବନ ତା' ପାଇଁ ସୁନ୍ଦର ନୁହେଁ। ଛାତ୍ରଟିଏ ଯଦି ସ୍କୁଲର ଗୋଟିଏ ଶ୍ରେଣୀରେ ବାରମ୍ବାର ରହିଯାଏ, କେତେ ଦିନ ଆମେ ସହ୍ୟ କରିବା? ସେ ପ୍ରତିବର୍ଷ ଉଚ୍ଚତର ଶ୍ରେଣୀକୁ ଯିବା ଆବଶ୍ୟକ। ଆଧ୍ୟାତ୍ମିକ ସାଧକ ସେହିପରି ସାଧନାର ଗୋଟିଏ ସ୍ତରରେ ସ୍ଥିର ହୋଇ ରହିବା ଉଚିତ ନୁହେଁ। ମନୁଷ୍ୟ ପ୍ରଥମେ ପ୍ରତିମୂର୍ତ୍ତି ବା ମୂର୍ତ୍ତି ପୂଜା କରେ। ଷୋଡ଼ଶ ଉପଚାର ମାଧ୍ୟମରେ ସେ ଅର୍ଚ୍ଚନା କରିଥାଏ ଯଥା ଧ୍ୟାନ, ଆବାହନ, ଆସନ, ପାଦ୍ୟ, ଅର୍ଘ୍ୟ, ସ୍ନାନ, ବସ୍ତ୍ର, ଯଜ୍ଞୋପବୀତ, ଚନ୍ଦନ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ତାମ୍ବୁଳ, ନୀରାଜନା ପ୍ରଦକ୍ଷିଣ, ନମସ୍କାର। ଉତ୍ତମ ଚରିତ୍ର, ଉତ୍ତମ ବ୍ୟବହାର, ନୈତିକ ମହତ୍ୱପୂର୍ଣ୍ଣ ଜୀବନଯାପନ ସାଧକର ଯୋଗ୍ୟତା ହେବା ଉଚିତ। ଷୋଡ଼ଶ ଉପଚାର ଅର୍ଚ୍ଚନା ଏକ ଉତ୍ତମ ବିଧି। କିନ୍ତୁ ସାଧକ ଏହି ସ୍ତରରୁ ଆତ୍ମଉପଲବ୍ଧି ଆଡ଼କୁ ଅଗ୍ରସର ହେବା ଉଚିତ। ଈଶ୍ୱରଙ୍କୁ ସମର୍ପିତ ପୁଷ୍ପରାଜି ଖୁବ୍ ଶୀଘ୍ର ମଳିନ ହୋଇପାରେ। ପୁଷ୍ପାଞ୍ଜଳିର ସୁଫଳ ମଧ କ୍ଷଣସ୍ଥାୟୀ ହୋଇପାରେ। ତେଣୁ ମଣିଷ ଯେଉଁ ପୁଷ୍ପକୁ ନିଜ ଦକ୍ଷତା ଓ ନିଷ୍ଠା ମାଧ୍ୟମରେ ନିଜର ଜୀବନ ବୃକ୍ଷରେ ପ୍ରସ୍ଫୁଟିତ କରାଇଥାଏ ଈଶ୍ୱର ସବୁବେଳେ ସେହି ପୁଷ୍ପକୁ ଅଧିକ ଭଲ ପାଆନ୍ତି। ସେହି ନୈତିକ ପୁଷ୍ପରାଜି ତାହାରି ନିଜ ହୃଦୟ ବଗିଚାରେ ହିଁ ପ୍ରସ୍ଫୁଟିତ ହୋଇଥାଏ। ଏହିଗୁଡ଼ିକ ମଧ୍ୟରେ ଅହିଂସା ପ୍ରଥମ ପୁଷ୍ପ। କେବଳ ଜୀବନ୍ତ ପ୍ରାଣୀକୁ ଆଘାତ ନ କରିବାକୁ ଅହିଂସା କୁହାଯାଇ ନପାରେ। ଏହା ପ୍ରକୃତରେ ଏକ ଉଚ୍ଚତର ମୌଳିକ ମୂଲ୍ୟବୋଧ। କେବଳ କାର୍ଯ୍ୟରେ ହିଂସା ଆଚରଣ ନ କରିବା ଯଥେଷ୍ଟ ନୁହେଁ, ଚିନ୍ତା ବା ବାକ୍ୟରେ ମଧ ଆମେ ପ୍ରାଣୀଙ୍କୁ କଷ୍ଟ ଦେବା ଉଚିତ ନୁହେଁ। ଜଣେ ଅନ୍ୟକୁ କଷ୍ଟଦେବା ବା ଅପମାନିତ କରିବା ପାଇଁ ଚିନ୍ତା କରିବା ଉଚିତ ନୁହେଁ। ଇନ୍ଦ୍ରିୟ ନିଗ୍ରହ ଜୀବନ ବଗିଚାର ଦ୍ୱିତୀୟ ପୁଷ୍ପ। ଜଣେ ଇନ୍ଦ୍ରିୟାସକ୍ତ ହେବା ଉଚିତ ନୁହେଁ। ତୃତୀୟ ପୁଷ୍ପଟି ଦୟା। ସର୍ବଭୂତେ ଦୟା (ପ୍ରତ୍ୟେକ ଜୀବ ଓ ପଦାର୍ଥ ପ୍ରତି ଦୟା) କାରଣ ପ୍ରତ୍ୟେକ ପ୍ରାଣୀ ଓ ପଦାର୍ଥ ମଧ୍ୟରେ ଈଶ୍ୱର ବିଦ୍ୟମାନ। କୁହାଯାଇଛି ଯେ ସର୍ବଦେବ ନମସ୍କାରଂ କେଶବମ୍ ପ୍ରତିଗଚ୍ଛତି। ଯେଉଁ ପ୍ରଭୁଙ୍କୁ ପ୍ରଣାମ କଲେ ମଧ ତାହା ପରମାତ୍ମାଙ୍କଠାରେ ପହଞ୍ଚିଯାଏ। ସେହି ସତ୍ୟରେ ଏହା ମଧ କୁହାଯାଇପାରେ ଯେ 'ସର୍ବଜୀବ ତିରସ୍କାରମ୍ କେଶବମ୍ ପ୍ରତିଗଚ୍ଛତି' ଯେଉଁ ପ୍ରାଣୀକୁ କଷ୍ଟ ଦେଲେ ମଧ ତାହା ପରମାତ୍ମାଙ୍କୁ କଷ୍ଟ ଦେଲାଭଳି ହୁଏ। କ୍ଷମା, ଧୈର୍ଯ୍ୟ, ସାହସ, ଶାନ୍ତ ଚତୁର୍ଥ ପୁଷ୍ପ। ଧର୍ମ ପୁସ୍ତକରେ କ୍ଷମାକୁ ସତ୍ୟ, ଧର୍ମ, ଜ୍ଞାନ, ଅହିଂସା ତ୍ୟାଗ ଓ ଆନନ୍ଦରୁ ଅଭିନ୍ନ ବୋଲି କୁହାଯାଇଛି।

କ୍ଷମା ବ୍ୟତୀତ ମନୁଷ୍ୟ ଗୋଟିଏ ମୁହୂର୍ତ୍ତ ମଧ ଆନନ୍ଦ ପାଇପାରିବ ନାହିଁ। ଏହା ଐଶ୍ୱରିକ ଗୁଣ ବୃଦ୍ଧି କରେ। ଏହା ମନୁଷ୍ୟର ଦିବ୍ୟତ୍ୱ ପରିପ୍ରକାଶ କରେ। ଏହା ମଣିଷର ପ୍ରକୃତିଗତ ହୋଇଯିବା ଉଚିତ। ନିର୍ବିକାର ଭାବ ଶାନ୍ତିର ମୌଳିକଗୁଣ। ସମୁଦ୍ର ସମସ୍ତ ପଦାର୍ଥକୁ ଏକତ୍ର କରି ଧରିରଖିବାକୁ ଇଚ୍ଛା କରୁଥିବାରୁ ନିମ୍ନରେ ରହିଛି ମେଘ ସମସ୍ତ ତ୍ୟାଗ କରି ମୁକ୍ତ ହେବାକୁ ଚାହୁଁ ଥିବାରୁ ଆକାଶରେ ରହିଛି। ଶାନ୍ତି ମଣିଷକୁ ସ୍ଥିର ମନ ଓ ସ୍ଥିର ଦୃଷ୍ଟି ପ୍ରଦାନ କରେ। ଶାନ୍ତି ପ୍ରାର୍ଥନା ତିନିଥର ଉଚ୍ଚାରଣ କରାଯାଏ-ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ। ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସ୍ତରର ଶାନ୍ତି ପାଇଁ ଏହି ମନ୍ତ୍ରକୁ ତିନିଥର ଉଚ୍ଚାରଣ କରାଯାଏ। ମନୁଷ୍ୟ ରାଗିବା ଅଥବା ଭୟରେ ମୁଣ୍ଡ ନୁଆଁଇବା ଉଚିତ ନୁହେଁ। ଉପନିଷଦରେ ଜନକ ମହର୍ଷିଙ୍କ ଜୀବନରେ ଆଧ୍ୟାତ୍ମ କି ଶାନ୍ତିର ଉଦାହରଣ ଦିଆଯାଇଛି। ତାଙ୍କୁ ବିଦେହ କୁହାଯାଉଥିଲା। ଏହାର ଅର୍ଥ ନୁହେଁ ଯେ ତାଙ୍କର ଦେହ ନଥିଲା। ପ୍ରକୃତରେ ସେ ଶରୀର ଓ ଏହାର ଆବଶ୍ୟକତାକୁ ଭୁଲିଯାଇ ଜୀବନଯାପନ କରୁଥିଲେ। ସେ କେବଳ ଆତ୍ମା ଚେତନ ସ୍ତରରେ ଦେଖୁଥିଲେ, ଶୁଣୁଥିଲେ ଓ କଥାବାର୍ତ୍ତା କରୁଥିଲେ।

ଷଷ୍ଠ ପୁଷ୍ପଟି ହେଉଛି ତପ। ତପ ଅର୍ଥ ନୁହେଁ ସ୍ତ୍ରୀ, ସନ୍ତାନ ପ୍ରଭୃତିଙ୍କୁ ତ୍ୟାଗ କରି ଅରଣ୍ୟର ନିର୍ଜନତା ମଧ୍ୟକୁ ପଳାୟନ କରିବା। ପ୍ରକୃତ ତପ ହେଉଛି ଚିନ୍ତା, ଭାଷା ଓ କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷାକରିବା। ଦୁଷ୍ଟ ପ୍ରକୃତିର ଲୋକ ଏହା କେବେ ଆଚରଣ କରିପାରିବେ ନାହିଁ; କାରଣ ନିଜ ସହିତ ମଧ ସେ ମିଥ୍ୟାଚାର କରେ। ମନୁଷ୍ୟ ଯେତେବେଳେ ଏହି ତପର ଅଧିକାରୀ ହେବ ତା'ର ପ୍ରତ୍ୟେକ ବାକ୍ୟ ଏତେ ଶକ୍ତିଶାଳୀ ହେବ ଯେ ସେ ଯାହା ଉଚ୍ଚାରଣ କରିବ ତାହା ମନ୍ତ୍ରରେ ପରିଣତ ହୋଇଯିବ। ଆମର ସପ୍ତମ ପୁଷ୍ପଟି ହେଉଛି ଧ୍ୟାନ। ମୋ' ମସ୍ତକରେ ଯେତିକି କେଶ ଅଛି ସେତେପ୍ରକାର ଧ୍ୟାନର ପଦ୍ଧତି ଆଜିକାଲି ପ୍ରଚଳିତ। ପ୍ରତ୍ୟେକ ତାଙ୍କର ଇଚ୍ଛା ଅନୁଯାୟୀ ଏହାକୁ ବର୍ଣ୍ଣନା କରୁଛନ୍ତି। ଧୀରସ୍ଥିର ଭାବରେ ବସି ନିଜର ଭାବନା ଓ ଚିନ୍ତାଧାରାକୁ ଈଶ୍ୱରଙ୍କ ଉପରେ କେବଳ ନିବଦ୍ଧ କରିବା ଧ୍ୟାନ ନୁହେଁ। ଈଶ୍ୱରଙ୍କ ମାଧ୍ୟମରେ ନିଜର ଇଚ୍ଛା, ଅନୁଭବ ଓ ଭାବନା ଇତ୍ୟାଦିକୁ ଐଶ୍ୱରିକ କରିବା ଉଚିତ। ଈଶ୍ୱରଙ୍କୁ ନିଜ ସ୍ତରକୁ ଓହ୍ଲାଇ ଆଣିବା ଉଚିତ ନୁହେଁ ବରଂ ନିଜକୁ ଈଶ୍ୱରଙ୍କ ସ୍ତରକୁ ଉନ୍ନତି କରିବା ଉଚିତ।

ଅଷ୍ଟମ ପୁଷ୍ପଟି ସତ୍ୟ। ଏହି ସତ୍ୟ ସମୟ ସ୍ରୋତରେ ଅପରିବର୍ତ୍ତିତ ରହେ। କେବଳ ଈଶ୍ୱର ହିଁ ଅପରିବର୍ତ୍ତିତ ଭାବେ ଅତୀତରୁ ବର୍ତ୍ତମାନ ମଧ ଦେଇ ଭବିଷ୍ୟତ ପର୍ଯ୍ୟନ୍ତ ରହିପାରନ୍ତି। ଯେତେବେଳେ ଏହି ପୁଷ୍ପ ତୁମ ହୃଦୟ ମଧ୍ୟରେ ପ୍ରସ୍ଫୁଟିତ ହେବ ତାହା ତୁମକୁ ଅନନ୍ତ ସୌରଭରେ ପୂର୍ଣ୍ଣ କରିବ। ଈଶ୍ୱରଙ୍କୁ ଏହି ସମସ୍ତ ପୁଷ୍ପଦ୍ୱାରା ପୂଜା କରିବା। ପୂଜାରେ ଯଦି ଅନ୍ୟ ପୁଷ୍ପ ବ୍ୟବହାର କର ପୂଜା ଗୃହରୁ ବାହାରି ଆସିଲାକ୍ଷଣି ମନରେ ଭକ୍ତି ରହେନାହିଁ। ଉପରେ ବର୍ଣ୍ଣିତ ଅଷ୍ଟପୁଷ୍ପ ରୂପକ ଗୁଣଗୁଡ଼ିକ ଜଣେ ଆହରଣ କରି ନ ପାରିଲେ ଈଶ୍ୱରଙ୍କ ଅନୁଗ୍ରହ କିପରି ଆଶା କରିବ? ତେଣୁ ବଗିଚାର ଫୁଲ ଈଶ୍ୱରଙ୍କୁ ଅର୍ପଣ କରିବା ପରିବର୍ତ୍ତେ, ଏହି ଗୁଣଗୁଡ଼ିକୁ ନିଜ ଜୀବନରେ ଅଭ୍ୟାସ କରି ଏବଂ ସେହି ପୁଷ୍ପରାଜିକୁ ଅର୍ପଣ କରି ସାଇ ଆଶ୍ରିତର ଯଥାର୍ଥତା ପ୍ରତିପାଦନ କରିବା ଉଚିତ।

*-ଟ୍ରଷ୍ଟ କନ୍‌ଭେନର, ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା, ଭୁବନେଶ୍ୱର, ଦୂରଭାଷ: ୯୪୩୭୦୨୨୦୬୧*

# ଆମ ପରିବେଶ, କୃଷି ଓ କୃଷକ

ସମଗ୍ର ଭାରତବର୍ଷରେ କୃଷି ଓ କୃଷକଙ୍କର ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଏହି ସମସ୍ୟା ପ୍ରତିଦିନ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହେଉଛି। ଆଜି ଯେଉଁ ମରୁଡ଼ି ଦେଖାଦେଇଛି ତା' ମୂଳରେ ଆମ ପରିବେଶ ଦାୟୀ। ଆମେ ଅତି ଅମାନୁଷିକ ଭାବରେ ଜଙ୍ଗଲ କାଟିଚାଲୁଛୁ। ଯାହାଫଳରେ ଆମକୁ ଏ ଦଶା ଭୋଗିବାକୁ ପଡୁଛି। ସଠିକ୍ ବୃଷ୍ଟିପାତ ହେଉନାହିଁ। ସୂର୍ଯ୍ୟଙ୍କ ତେଜ ପ୍ରଖର ହେଉଛି। ସରକାରଙ୍କ ତରଫରୁ ପରିବେଶ ଉପରେ ଯେତେ ସଚେତନ କରାଗଲେ ମଧ ଏହାର ପ୍ରଭାବ ମାନବ ସମାଜ ଉପରେ ଆଦୌ ପଡୁନାହିଁ। ଭାଗବତ ବାଣୀ ଅନୁସାରେ- ***"ଆପଣା ହସ୍ତେ ଜିହ୍ୱାଚ୍ଛେଦି। କେ ତା'ର ଅଛି ପ୍ରତିବାଦୀ।।"***

ସମଗ୍ର ବିଶ୍ୱରେ ଯେଉଁ ବିଶ୍ୱତାପନ କଥାଟି ଚର୍ଚ୍ଚା ହେଉଛି ତାହା ଆମମାନଙ୍କ ପାଇଁ ତଥା ପ୍ରାଣୀସମାଜ ପାଇଁ ଏକ ବଡ଼ ଆହ୍ୱାନ। ଏହାକୁ କେତେଦୂର ପ୍ରାଣୀ ସମାଜ ଗ୍ରହଣ କରୁଛି ଓ ଏହାସହ ତାଳ ଦେଇ ନିଜକୁ ତିଷ୍ଠି ପାରୁଛି, ତାହା ଦେଖିବାର ବିଷୟ। ଚୀନ ଭଳି ବଡ଼ବଡ଼ ଦେଶର ସହରମାନଙ୍କରେ ପରିବେଶ ଏତେ ପ୍ରଦୂଷିତ ହୋଇଗଲା ଯେ କେତେଦିନ ପର୍ଯ୍ୟନ୍ତ ସ୍କୁଲ୍ କଲେଜ ବନ୍ଦ କରିବାକୁ ପଡ଼ିଲା। ଏଥିରୁ ମଧ ଆମ ରାଜଧାନୀ ଦିଲ୍ଲୀର ସମଅବସ୍ଥା ହୋଇଛି। ଏ ସବୁ କଥା ଭାବିଲେ ଏହି ମଣିଷ ସମାଜର ଅସ୍ତିତ୍ୱ କେତେଦୂର ତିଷ୍ଠିପାରୁଛି ତାହା ଦେଖିବାର କଥା। ଭାରତବର୍ଷର ଲୋକସଂଖ୍ୟା କେତେଦୂର ଗାଡ଼ି, ମଟର, କଳକାରଖାନା ଏତେ ପରିମାଣରେ ବୃଦ୍ଧି ପାଉଛି ଯାହାକି କିଛି ବର୍ଷ ମଧ୍ୟରେ ସମଗ୍ର ଭାରତରେ ଏଭଳି ଅବସ୍ଥା ସୃଷ୍ଟି ନହେବ କିଏ କହିବ!

ଅଦିନେ ବର୍ଷା, ଶୀତରେ ପ୍ରକୋପ ହ୍ରାସ, ସୂର୍ଯ୍ୟଙ୍କ ତେଜବୃଦ୍ଧି, ଅଦିନେ ଲଘୁଚାପ ଆଦି କାରଣ ପାଇଁ ଚାଷୀକୁଳ ଏବେ ଏକ ଆହ୍ୱାନର ସମ୍ମୁଖୀନ ହେଉଛି। ଏବେ ଆମେମାନେ ବଦଳୁଥିବା ଜଳବାୟୁ ସହିତ କିପରି ଖାପଖୁଆଇ ଚଳିବା, ତାହା ଆମମାନଙ୍କ ପାଇଁ ଏକ କଷ୍ଟ ସମସ୍ୟା। ପରିବେଶର ଏହି ପରିବର୍ତ୍ତନ ଯୋଗୁ ଅନେକ ନୂତନ ରୋଗ ସୃଷ୍ଟି ହେଉଛି। ଯାହାକୁ କି ବିଶେଷଜ୍ଞମାନେ ଚିହ୍ନଟ କରିବା କଷ୍ଟକର ହୋଇପଡୁଛି। କର୍କଟ ଭଳି ମାରାତ୍ମକ ରୋଗ କବଳରେ କବଳିତ ଭାରତବାସୀ। ଆଉ କିଛିବର୍ଷ ପରେ ହୁଏତ ଆମ ଦେଶ ମଧୁମେହର ରାଜଧାନୀ ହେବାକୁ ଯାଉଛି। ଆମେ କୃଷିର ଅଧିକ ଅମଳ ଆଶାରେ ଅଧିକ ରାସାୟନିକ ସାର, କୀଟନାଶକ ଆଦି କୃଷିକାର୍ଯ୍ୟରେ ବ୍ୟବହାର କରୁଛେ, ଯାହାକି ଆମ ସ୍ୱାସ୍ଥ୍ୟପାଇଁ ଅନେକ ବିପଦ ସୃଷ୍ଟିକରୁଛି। ଗୋଟିଏ ପଟେ କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ପାଇଁ ଶସ୍ୟ ଅଧିକ ଅମଳ ଲାଗି ଏଭଳି ଉପାୟ ଅବଲମ୍ବନ କରୁଥାଇପାରୁ, ମାତ୍ର ପରୋକ୍ଷରେ ଆମ ସ୍ୱାସ୍ଥ୍ୟ ପାଇଁ ଅନେକଗୁଡ଼ିଏ ସମସ୍ୟା ସୃଷ୍ଟି କରିଚାଲିଛୁ।

ଅନ୍ୟପକ୍ଷରେ ଦେଖିବାକୁ ଗଲେ କୃଷକ ଆମ ଦେଶର ମେରୁଦଣ୍ଡ। ଯିଏକି ସମଗ୍ର ଦେଶକୁ ଖାଦ୍ୟ ଯୋଗାଉଛି। ସୈନିକଟି ଯେଭଳି ନିଜ ଜୀବନକୁ ବିପନ୍ନ କରି ଦେଶମାତୃକାର ଟେକ ରଖିବା ପାଇଁ କାର୍ଯ୍ୟ କରିଥାଏ, କୃଷକଟି ମଧ ଦେଶର କୃଷିର ଅଭିବୃଦ୍ଧି ପାଇଁ ଓ ଖାଦ୍ୟର ସ୍ୱାବଲମ୍ବୀ ପାଇଁ ଦେଶବିଦେଶରେ ସୁଖ୍ୟାତି ବଢ଼ାଇବା ପାଇଁ ମଧ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଦେଶ ଗଠନରେ କୃଷକଟିର ଭୂମିକା ମଧ ଅନସ୍ୱୀକାର୍ଯ୍ୟ। ଏତିକି ପାର୍ଥକ୍ୟ ସୈନିକ ସରକାରଙ୍କ ଅଧିନରେ କେଇଟା ବର୍ଷ କାମକରି ବଞ୍ଚିଥିବା ଯାଏ ଭତ୍ତା ପାଏ। ମାତ୍ର କୃଷକଟି ଜୀବନସାରା ନିଜ ଜୀବନକୁ ପାଣି ଛଡ଼ାଇ କଠିନ ପରିଶ୍ରମ କରି ପରିଣତ ବୟସରେ ସରକାରଙ୍କ ପାଖରେ ସମାଜରେ ଏପରିକି ନିଜ ପରିଜନଙ୍କ ପାଖରେ ଅଲୋଡ଼ା ହୋଇପଡେ। ଦିନ ଥିଲା ଯେତେବେଳେ କୃଷିକୁ ଓ କୃଷକମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିଲା। ମାତ୍ର ସେ ସମୟ ଏବେ ବଦଳିଯାଇଛି। ଆଜି କୃଷକଟି କୃଷିକାର୍ଯ୍ୟ କରି ନିଜେ ସର୍ବସ୍ୱାନ୍ତ ହୋଇପଡୁଛି। ପରିବର୍ତ୍ତନଶୀଳ ଜଳବାୟୁ ସହିତ ଖାପ ଖୁଆଇ କୃଷିକାର୍ଯ୍ୟ ଠିକ୍ ଭାବରେ କରିପାରୁନାହିଁ। ଅଦିନ ମେଘ, ଅଦିନେ ଖରା ତାହା ପାଇଁ ଶତ୍ରୁରୂପେ ଉଭା ହେଉଛି। ଅଧିକ ଅମଳ ଓ ଲାଭ ଆଶାରେ ବିଭିନ୍ନ ସଂସ୍ଥାରୁ ଋଣ ନେଇ ସେ କୃଷିକାର୍ଯ୍ୟ କରୁଛି; ମାତ୍ର ସଠିକ୍ ଫସଲ ଅମଳ କରିନପାରି କ୍ଷତି ସହୁଛି। ଋଣଭାରରେ ଉବୁଟୁବୁ ହୋଇ ନିଜର ପ୍ରାଣ ବିସର୍ଜନ କରିବାକୁ ପଛାଉନାହିଁ। ଏବେ ନିକଟ ଅତୀତରେ କେତେ ଯେ କୃଷକ ଏଭଳି ପନ୍ଥାକୁ ଆପଣାଇ ନେଇଛନ୍ତି ତାହା ଗଣିବା କଷ୍ଟକର।

ଏହା ଦେଶପାଇଁ ଶୁଭଙ୍କର ନୁହେଁ। ଯଦି ଏଭଳି ଅବସ୍ଥା ଲାଗିରହେ କେହି ଜଣେହେଲେ କୃଷିକାର୍ଯ୍ୟ କରିବାକୁ ଆଗଭର ହେବେନାହିଁ। ଋଷ ଭଳି ଦଶା ଆମମାନଙ୍କୁ ଦିନେ ନା ଦିନେ ଭୋଗିବାକୁ ପଡ଼ିବ ଏଥିରେ ସନ୍ଦେହ ନାହିଁ। ସରକାର କୃଷିକୁ ଯେତେ ପ୍ରୋତ୍ସାହନ ଦେଉଛନ୍ତି ତା' ତୁଳନାରେ କୃଷକକୁ ସେତିକି ପ୍ରୋତ୍ସାହନ ମିଳୁନାହିଁ। ଭଗବାନ କରନ୍ତୁ ସରକାରଙ୍କ ସଦ୍‌ବୁଦ୍ଧି ଉଦୟ ହେଉ। କୃଷକକୁ ସମାଜରେ ଉପଯୁକ୍ତ ମର୍ଯ୍ୟାଦା ମିଳୁ। ପରିବର୍ତ୍ତିତ ଜଳବାୟୁ ସହିତ ଖାପଖୁଆଇ କୃଷକଟି ଯେଭଳି କୃଷିକାର୍ଯ୍ୟ କରିପାରିବ, ସେଥିନିମନ୍ତେ କିଭଳି ଓ କେଉଁପ୍ରକାର କୃଷି କରିବ, ସେଥିନିମନ୍ତେ ସରକାର ସେମାନଙ୍କୁ ସଚେତନ ବା ତାଲିମ୍ ଦେବା ବିଧେୟ। ଯଦ୍ଦ୍ୱାରା ଦେଶ ଖାଦ୍ୟଶସ୍ୟ ଉପରେ ଆତ୍ମନିର୍ଭରଶୀଳ ହେବା ସହିତ କୃଷକମାନଙ୍କର ମଙ୍ଗଳ ସାଧିତ ହେବ।

**——ହୃଷିକେଶ ମହାରଣା**
**ନୂର୍ତ୍ତାଙ୍ଗ, କୁଆଁପାଳ, କଟକ- ୭୫୪୨୦୪, ମୋ-୯୪୩୮୫୧୨୫୧୭**

# କୃଷି ଦୁନିଆ



## ଜିଆଖତ-ଜୈବିକ କୃଷିର ପ୍ରମୁଖ ଦିଗ

**ସୁବ୍ରତ କୁମାର ମହାନ୍ତି**

ଏକବିଂଶ ଶତାବ୍ଦୀରେ ଏ ଯୁଗ ଉପନୀତ। ଯୁଗ ସହ ଯେମିତି ମଣିଷ ବଦଳୁଛି, ସେମିତି ବଦଳୁଛି ଏ ସମାଜ। ବଦଳି ମଧ୍ୟ ଯାଉଛି ଜୀବନ ଧାରଣର ପ୍ରତ୍ୟେକଟି ଧାରା। ଆଉ ଏଥିରୁ କୃଷି ବା ବାଦ୍ ଯିବ କେମିତି। ପ୍ରଥମେ ଜୈବିକ ପ୍ରଣାଳୀ ଅର୍ଥାତ ଜୈବିକ ସାର, ଜୈବିକ ଉପାୟରେ ରୋଗ ପୋକ ଦମନ ଇତ୍ୟାଦି ବ୍ୟବହାର କରୁଥିବା ମଣିଷ, କ୍ରମବର୍ଦ୍ଧିଷ୍ଣୁ ଜନ ସଂଖ୍ୟାକୁ ଆଖି ଆଗରେ ରଖି ଉତ୍କଟ ରସାୟନର ବ୍ୟବହାର କରେ। ଆଉ ବର୍ତ୍ତମାନ ଉକ୍ତ ଉତ୍କଟ ରସାୟନର କୁପ୍ରଭାବର ଜନସମୁଦାୟକୁ ରକ୍ଷା କରିବା ଲକ୍ଷ୍ୟରେ ପୁନଃ ଜୈବିକ ପଦ୍ଧତି ଆଡ଼କୁ ଅଗ୍ରସର ହୁଏ। ଅତଏବ୍ ଜିଆଖତ ଏକ ପ୍ରମୁଖ ଜୈବିକ ଉପାୟ ଯେଉଁଥିରେ ଜୈବ ଅବଶେଷ ବା ବାୟୋୱେଷ୍ଟର ପୁନଃ ସଦବ୍ୟବହାର ହୋଇପାରେ। ଜଣେ ସାଧାରଣ ଚାଷୀ ପାଇଁ ପରିବେଶ ପ୍ରଦୂଷଣ ତଥା ରସାୟନିକ ସାରର ବର୍ଦ୍ଧିତ ମୂଲ୍ୟ କଥା ବିଚାରକୁ ନେଲେ, ଜିଆଖତ ପ୍ରୟୋଗ ଏକ ଉତ୍ତମ ଜୈବିକ ଉପାୟ ଯାହା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କମ୍ ଖର୍ଚ୍ଚ ଜୈବିକ ଅବଶେଷକୁ ପୁନଃ ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେଇଥାଏ। ଆମେ ଅନେକ ଯାଗାରେ ପଢ଼ିଛେ କୃଷକର ବନ୍ଧୁ ଜିଆ। ତେଣୁ ଜିଆକୁ ପାଳନ କରି କୃଷିଜାତ ଅବଶେଷକୁ ଖାଇବାକୁ ଦେଇ ଜିଆର ମଳ ବା ପାଚନ ନହୋଇଥିବା ଅବଶିଷ୍ଟାଂଶରୁ ବ୍ୟବହାର କରି ଯେଉଁ ଖତ ପ୍ରସ୍ତୁତ କରାଯାଏ ତାକୁ ଜିଆଖତ ବୋଲି ଆଖ୍ୟା ଦିଆଯାଏ, ଏହି ଜିଆଖତରେ ଆପାତତଃ ଶତକଡ଼ା ୩ ପ୍ରତିଶତ ଯବକ୍ଷାରଯାନ, ୧ ପ୍ରତିଶତ ଫସଫରସ, ୧.୫ ପ୍ରତିଶତ ପଟାସିୟମ ରହିଥାଏ। ତତ୍‌ସହିତ ବିଭିନ୍ନ ଜୀବସାର, ରୋଗପ୍ରତିରୋଧକାରୀ ପଦାର୍ଥ ତଥା ବହୁ ଉପକାରୀ ଜୈବତ୍ୱରକ (ଏନ୍‌ଜାଇମ) ରହିଥାଏ ଯାହା କୃଷକ ଅବଶେଷର ଜୈବବିଘଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଜିଆଖତରେ ପ୍ରୟୋଗ ଫଳରେ ମାଟିର ଉର୍ବରତା ବୃଦ୍ଧିପାଏ ଏବଂ ଯବକ୍ଷାରଜାନ ବିବନ୍ଧନ କରୁଥିବା ବୀଜାଣୁ ଗୁଡ଼ିକ ଉପରେ ଏହା ସୁପ୍ରଭାବ ପକାଇଥାଏ।

**ପ୍ରସ୍ତୁତି ପ୍ରଣାଳୀ :**

ଜିଆଖତ ପ୍ରସ୍ତୁତିରେ କେତେଗୋଟି ଦିଗପ୍ରତି ଧ୍ୟାନ ଦେବାକୁ ପଡ଼େ ପ୍ରଥମେ ଉତ୍ତମମାନର, ଜିଆଚୟନ କରିବା ଜରୁରୀ ପରିବେଶ, ମୃତ୍ତିକାର ପ୍ରକାର, କୃଷିଜ ଅବଶେଷର ପ୍ରକାର ଇତ୍ୟାଦିକୁ ବିଚାରକୁ ନେଇ ଜିଆର



ବିଭିନ୍ନ ପ୍ରଜାତି ଚୟନ କରିବାକୁ ହୁଏ। ସାଧାରଣତଃ ଆମ ଦେଶରେ ଜିଆଖତ ପ୍ରସ୍ତୁତି ପାଇଁ ଦୁଇଟି ଜିଆ ପ୍ରଜାତିକୁ ଚୟନ କରାଯାଉଛି। ସେଗୁଡ଼ିକ ହେଲା ଏଇସିନିଆ ଫୋଏଟିଡ଼ା ଏବଂ ଇଉଡ୍ରିଲସ ଇଉଜେନି, ବଡ଼ କାଠ, ପ୍ଲାଷ୍ଟିକ ବା ସିମେଣ୍ଟ କୁଣ୍ଡ (ସର୍ବାଧିକ ୧ମି ୧ମି ୦.୫ମି) ଯେଉଁଥିରେ ପ୍ରାୟ ୧୫୦୦ ଜିଆର ବ୍ୟବହାର ହୋଇପାରିବ, ତାହାକୁ ନିଆଯାଏ ଏବଂ ଘର ଭିତରେ ଜିଆଖତ ପ୍ରସ୍ତୁତି କରିବା ସବୁବେଳେ ଗ୍ରହଣୀୟ। କୁଣ୍ଡର ତଳସ୍ତରରେ କୃଷିଜାତ ଅବଶିଷ୍ଟାଂଶ (ଜୈବବିଘଟନ ଯୋଗ୍ୟ)ର ,କ ସ୍ତର ଦିଆଯାଏ ଯାହା ୫ ସେ.ମି ଉଚ୍ଚତାର ହୋଇଥାଏ। ତା ଉପରେ ବିଘଟିତ ଗୋବରର ଏକ ୫ ସେମିର ସ୍ତର ଆଚ୍ଛାଦନ କରିବାକୁ ପଡ଼େ। ଏହିପରି ଗୋଟିଏ ପରେ ଗୋଟିଏ ସ୍ତର ଦେଲାପରେ ସର୍ବଉପର ଯଥାଯଥ ଜଳ ସିଞ୍ଚନ କରି ସଂପୂର୍ଣ୍ଣ ଆର୍ଦ୍ରତାକୁ ୩୦ ରୁ ୪୦ ପ୍ରତିଶତ ରଖାଯାଏ। ଏହା ଉପରେ ବିଘଟନକାରୀ ଜିଆକୁ ଛଡ଼ାଯାଏ ଏବଂ ଏହା ଉପରେ କିଛି ମାଟି ଘୋଡ଼ାଇ ସୂର୍ଯ୍ୟାଲୋକ ନ ପଡ଼ିବା ପାଇଁ ଅଖା ଘୋଡ଼ାଇ ଦିଆଯାଏ। ଗାଇଗୋରୁ, ଘୋଡ଼ା, ଘୁଷୁରୀ ଇତ୍ୟାଦି ମାନଙ୍କର ଶୁଖିଲା ମଳ ତଥା ଅବ୍ୟବହୃତ ପନିପରିବା ଅବଶିଷ୍ଟାଂଶ ଜିଆମାନଙ୍କର ଉତ୍ତମ ଖାଦ୍ୟ ରୂପେ କାର୍ଯ୍ୟକାରୀ। ଶୁଖିଲା ଗୋବରକୁ ସେହି ଅବସ୍ଥାରେ ଖାଦ୍ୟ ହିସାବରେ ବ୍ୟବହାର କରାଯାଇପାରେ। କିନ୍ତୁ ଉପରୋକ୍ତ ଅନ୍ୟ ଖାଦ୍ୟ ଗୁଡ଼ିକୁ ଶୁଖିଲା ଗୋବର ସାଙ୍ଗରେ ସମପରିମାଣରେ ମିଶାଇ ଖାଦ୍ୟ ହିସାବରେ ବ୍ୟବହାର କରାଯାଏ। ଯେତେବେଳେ ଖତ ପ୍ରସ୍ତୁତ ହୋଇଥାଏ, ଦୈନିକ ଜଳ ସିଞ୍ଚନ ପ୍ରକ୍ରିୟାକୁ ୨-୩ ଦିନ ପାଇଁ ବନ୍ଦ ରଖାଯାଏ। ତା'ପରେ ଉକ୍ତ ଆର୍ଦ୍ର ଜିଆଖତକୁ ବାହାରେ କିଛି ସମୟ ଗଦା କରି ଶୁଖାଇ ଦିଆଯାଏ। ଖତଗଦାର ଉପରିଭାଗରୁ ଜିଆ ଗୁଡ଼ିକ ତଳକୁ ସ୍ଥାନାନ୍ତରିତ ହୋଇଗଲା ପରେ ଏହା ଉପଯୋଗୀ ହୋଇଥାଏ।

**ପ୍ରସ୍ତୁତ ସମୟର ସତର୍କତା :**

କେବଳ ଉଦ୍ଭିଦଜାତ ଅବଶେଷ ହିଁ ଜିଆଖତର ପ୍ରାଥମିକ ପଦାର୍ଥ ରୂପେ



ବ୍ୟବହାର ଯୋଗ୍ୟ। ପ୍ରାଣୀଜ ଅବଶେଷ ଯଥା ଅଣ୍ଡାଖୋଳପା, ମାଂସ, ହାଡ଼ ଇତ୍ୟାଦି ଜିଆଖତ ପ୍ରସ୍ତୁତି ପାଇଁ ବ୍ୟବହାର୍ଯ୍ୟ ନୁହେଁ। ଠିଆପାଣି ବା ସ୍ୱଳ୍ପ ଆର୍ଦ୍ରତା ଜିଆ ଉପରେ ନକରାତ୍ମକ ପ୍ରଭାବ ପକାଏ। ସେଥିପାଇଁ ଆର୍ଦ୍ରତା ପରିଚାଳନା ସୂଚାରୁ ରୂପେ କରିବା ସଙ୍ଗେ ସଙ୍ଗେ ଜିଆଗୁଡ଼ିକୁ ପକ୍ଷୀ, ପିମ୍ପୁଡ଼ି, ଉଇ ଏବଂ ମୂଷା ଠାରୁ ରକ୍ଷା କରାଯିବା ଉଚିତ୍। ଜିଆଖତକୁ ନିୟମିତ ବ୍ୟବଧାନରେ ବାହାର କରାଯିବା ମଧ୍ୟ ବିଧେୟ।

**ଜିଆଖତର ପ୍ରୟୋଗ :**

କ୍ଷେତ୍ର ଫସଲ ବା ଶସ୍ୟ, ଡାଲି ଏବଂ ଅନ୍ୟାନ୍ୟ ଫସଲରେ ହେକ୍ଟର ପିଛା ୨-୩ ଟନ୍ ଜିଆଖତ ବ୍ୟବହାର କରାଯାଏ। ମି ବୁଣିବା



ସମୟରେ ବା ଚାରା ୧୫ ସେ.ମି. ଉଚ୍ଚତା ହେବା ପରେ ଧାଡ଼ିରେ ଏହାର ପ୍ରୟୋଗ ଲାଭ ଦାୟକ ହୋଇଥାଏ। ଫଳଗଛ ଗୁଡ଼ିକରେ ଗଛର ବୟସକୁ ଦୃଷ୍ଟିରେ ରଖି ୫ଗରୁ ପିଛା ୫-୧୦ କି.ଗ୍ରା ଜିଆଖତ ଗଛ ଚାରିପାଖରେ ଏକ ରିଙ୍ଗ ବା ବେସନ୍ କରି ଗୋବରଖତ ସାଙ୍ଗରେ ମିଶାଇ ପ୍ରୟୋଗ ବିଧେୟ। ସେହିପରି ପନିପରିବା ଫସଲର ନର୍ସରୀରେ ହେକ୍ଟର ପିଛା ୧ ଟନ୍ ଜିଆଖତ ଓ ଚାରା ଲଗାଇବାର ୪୫ ଦିନ ପରେ ଜଳସେଚନ ପୂର୍ବରୁ ଗଛ ପିଛା ୫୦୦ ଗ୍ରା. ଜିଆଖତ ପ୍ରୟୋଗ ଅତ୍ୟନ୍ତ ଲାଭପ୍ରଦ ଫୁଲଗଛ ଚାଷ ବେଳେ ହେକ୍ଟର ପିଛା ୭୫୦ କି.ଗ୍ରା ଜିଆଖତ ପ୍ରୟୋଗ କରିବା ଜରୁରୀ।

ତେଣୁ ଚାଷୀଭାଇମାନେ କୃଷି ବିଶେଷଜ୍ଞ ମାନଙ୍କ ପରାମର୍ଶ କ୍ରମେ ଏହାର ପ୍ରୟୋଗ କଲେ ସୁଫଳ ପାଇପାରିବେ।

ସହକାରୀ ପ୍ରାଧ୍ୟାପକ,
ଶ୍ରୀ ଶ୍ରୀ ୟୁନିଭର୍ସିଟି, କଟକ

## କୃଷି ଓ କୃଷକ - ଏକ ମାର୍ମିକ ଉଚ୍ଚାରଣ



ବିଜ୍ଞାନ ରଂଜନ ସାହୁ

ଆମ ଓଡ଼ିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ। ଏହାର ଅଧିକାଂଶ କୃଷି ଭୂମି ଗାଁ ଗହଳରେ ଅବସ୍ଥିତ। ଏହାର ଅଧିକାଂଶ କୃଷିଜିବି, ସେମାନେ କୃଷିକାର୍ଯ୍ୟ ଓ ମୂଲମଜୁରୀ ଲାଗି ସେମାନଙ୍କର ପରିବାର ପ୍ରତିପୋଷଣ କରନ୍ତି। ଓଡ଼ିଶାରେ ଅଧିକାଂଶ କୃଷକ ମାନଙ୍କର ନିଜର ଚାଷଜମି ନଥାଏ। ଏଣୁ ସେମାନେ ଭାଗଚାଷ କରନ୍ତି। ସାଧାରଣତଃ ଗାଁକହଳିରେ କୃଷକମାନଙ୍କ ପାଖରେ ଭଲ ଉତ୍ପାଦନ କରିବାର ଜ୍ଞାନ କୌଶଳ ଏବଂ ସୂଚନା ନଥାଏ। ସେମାନେ ପାରମ୍ପାରିକ ଭାବରେ କୃଷିକାର୍ଯ୍ୟ କରିଥାନ୍ତି। ପ୍ରାକୃତିକ ବିପର୍ଯ୍ୟୟ ହେତୁ ବହୁତ ଫସଲ କ୍ଷତି ଏବଂ ବ୍ୟାଘାତ ହୋଇଥାଏ ଓ କମ୍ ଉତ୍ପାଦନ ହୋଇଥାଏ। ଏଥି ଯୋଗୁଁ ସରକାର ମଧ୍ୟ ଆର୍ଥିକ ସହାୟତା ଦେଇଥାନ୍ତି। କିନ୍ତୁ ତାହା ଜମି ମାଲିକ ନିକଟକୁ ଚାଲିଯାଇଥାଏ ଏବଂ କୃଷକ ଏଥିରୁ କିଛି ପାଇ ନଥାଏ। ଏଥିଯୋଗୁଁ କେତେକ କୃଷକ ଭାଗଚାଷ କରିବାକୁ ମନା କରିଥାନ୍ତି। କୃଷିକାର୍ଯ୍ୟ ଛାଡ଼ି ସହରାଭିମୁଖୀ ହୋଇଥାନ୍ତି। ଆଉ ମଧ୍ୟ ଓଡ଼ିଶା ସରକାରଙ୍କ ଦ୍ୱାରା ୧ଟଙ୍କାରେ ୧୦ କେଜି ଚାଉଳ ପ୍ରଦାନ କରାଯାଉ ଥିବାରୁ ଦୈନିକ ଖାଇବା ଚଳିଯାଏ। ତେଣୁ କୃଷକ ମନରେ ଚାଷ କରିବା ପାଇଁ ଆଗ୍ରହ କମିଯାଏ।

ଅନ୍ୟ ପକ୍ଷରେ କୃଷକମାନେ ଚାଷ କାର୍ଯ୍ୟରେ ଜୈବିକ ଖତ, ଜୈବିକ ସାର ଏବଂ ଜୈବିକ କୀଟନାଶକ ପ୍ରୟୋଗ କରନ୍ତି ନାହିଁ। ଅଧିକ ଅମଳ ପାଇଁ ରାସାୟନିକ ସାର ଔଷଧ ପ୍ରୟୋଗ କରିଥାଆନ୍ତି। ଯାହା ଉପରେ ସେମାନଙ୍କର କୌଣସି ଜ୍ଞାନ ନଥାଏ। ଏହାଦ୍ୱାରା ଅଧିକ ଅମଳ ହୋଇଥାଏ। କିନ୍ତୁ ବହୁତ ପରିମାଣରେ ମୃତ୍ତିକା ଏହାର ଉତ୍ପାଦନର କ୍ଷମତା ହରାଇ ଥାଏ ଏବଂ ପରିବେଶ ପ୍ରଦୂଷଣ ହୋଇଥାଏ। ଆଗାମୀ ବର୍ଷ ମାନଙ୍କର ଅମଳର ପରିମାଣ ହ୍ରାସ ପାଇଥାଏ। ଏଥିଯୋଗୁଁ ଭାଗଚାଷିମାନେ ଭାଗଚାଷ ଛାଡ଼ି ଦେଇଥାନ୍ତି। ଏଣୁ ଜମି ମାଲିକକୁ କ୍ଷତି ସହିବାକୁ ପଡ଼େ ଓ ଜମିର ରକ୍ଷଣାବେକ୍ଷଣା ଅଭାବରୁ ଜମି ନଷ୍ଟ ହୋଇଯାଏ।

ଆମେ ଜାଣିଛେ କୃଷକମାନେ ସାଧାରଣତଃ ପରିବେଶ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଏହା ସ୍ଥିର ନୁହେଁ ମାତ୍ର ଦିନକୁ ଦିନ ପରିବର୍ତ୍ତନ ହୋଇଥାଏ। ଏଣୁ ଆମେ ଏହାକୁ ରୋକିପାରିବା ନାହିଁ। ତେଣୁ କେତେକ କୃଷକ ମତରେ କୃଷିକାର୍ଯ୍ୟ ହେଉଛି ଭାଗ୍ୟ ଓ କଠିନ ପରିଶ୍ରମ ଉପରେ ନିର୍ଭରଶୀଳ। ଏଣୁ କୃଷିକାର୍ଯ୍ୟରେ ବାରମ୍ବାର କ୍ଷତି ହେବାରୁ କୃଷକମାନେ ଆତ୍ମହତ୍ୟା କରିଥାନ୍ତି ଏହି ସବୁ ସମସ୍ୟା ଗୁଡ଼ିକରୁ ଦୂରେଇ ରହିବା ପାଇଁ କୃଷକମାନଙ୍କୁ କୃଷି ବିଜ୍ଞାନର ପ୍ରଶିକ୍ଷଣ କରିବା ନିତ୍ୟାନ୍ତ ଜରୁରୀ। ଯଦି ସେମାନେ ପ୍ରଶିକ୍ଷଣ ନେଇ ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରି



କୃଷିକାର୍ଯ୍ୟ ସମ୍ପାଦନ କରନ୍ତେ ଉତ୍ପାଦନ ବୃଦ୍ଧି ପାଇବ।

ଆଧୁନିକ ପୃଥିବୀରେ ଗୋଟିଏ ଆଶ୍ଚର୍ଯ୍ୟ କଥା ସମସ୍ତେ ଭଲ ଖାଇବାକୁ ଚାହାନ୍ତି କିନ୍ତୁ ଉତ୍ପାଦନ କରିବାକୁ ନୁହେଁ। ସମସ୍ତେ ଭଲରେ ରହି ଚାକିରି କରିବାକୁ ଚାହାନ୍ତି କିନ୍ତୁ ଜଣେବି କେହି ଭଲ କୃଷକ ହେବାକୁ ଚାହାଁନ୍ତି ନାହିଁ। ଏବେ ପ୍ରଶ୍ନ ଉଠୁଚି- ଉତ୍ପାଦନ କରିବ କିଏ? ଖାଦ୍ୟ ଆସିବ କେଉଁଠାରୁ। ତେଣୁ କୃଷକମାନଙ୍କୁ ଉପଯୁକ୍ତ ତାଲିମ୍ ପ୍ରାପ୍ତ କରାଯିବା ଦରକାର। ଏହାଦ୍ୱାରା କୃଷକମାନଙ୍କ ରୋଜଗାର ଏବଂ ଭବିଷ୍ୟତରେ କୃଷି ଏକ ମୁଖ୍ୟ ବୃତ୍ତି ହୋଇ ପାରିବ।



କୃଷକ ପାଠ୍ୟକ୍ରମ :

୧. ପରିବେଶ ଅନୁଯାୟୀ ଶସ୍ୟ ଚିହ୍ନଟ କରିବା
୨. ନୂତନ ଜ୍ଞାନ କୌଶଳର ପ୍ରୟୋଗ
୩. ମିଶ୍ରିତ କୃଷି
୪. ଅଧିକ ଅମଳ କରିପାରୁଥିବା ବିହନ
୫. ନୂତନ ଯନ୍ତ୍ରପାତିର ପ୍ରୟୋଗ
୬. ବିଭିନ୍ନ ପନିପରିବା ଋତୁ ଅନୁସାରେ ଓ ବଜାର ଚାହିଦାରେ ଚାଷ କରିବା

ଜମିଟି ସାଧାରଣତଃ ହିଡ଼ ଦ୍ୱାରା ଭାଗ ଭାଗ ହୋଇଥାଏ। ତେଣୁ ଅଧିକ ଟଙ୍କା ନିବେଶ ହୋଇଥାଏ। ଯଦି ପାଖାପାଖି ଜମି ଥିବା କୃଷକ ନିଜସ୍ୱ ବୁଝାମଣାରେ ହିଡ଼ ଉଠାଇ ଜମିକୁ ଏକତ୍ର କରି ଚାଷ କରନ୍ତେ ଜଳସେଚନର ସୁବିଧା ସହ ଅମଳ ହୁଅନ୍ତା।

ଯଦି କେତେକ କୃଷକ ଏକାଠି ହୋଇ ଗୋଟେ ଛୋଟ ଫାର୍ମ ଗଠନ କରି ସେମାନଙ୍କର ମିଳିତ ପ୍ରୟାସରେ ସେଠାରେ ଜୈବିକ ସାର, କମ୍ପୋଷ୍ଟ ଏବଂ ଏଫ୍.ୱାଇ.ଏମ୍. ଉତ୍ପାଦନ କରିପାରନ୍ତେ। ଏହା ସେମାନଙ୍କ ପାଇଁ ଅଧିକ ରୋଜଗାର ଦେଇ ପାରିବ। ଏଥିପାଇଁ କୃଷି ବିଜ୍ଞାନ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ।

କୃଷି ସ୍ନାତକୋତ୍ତର , ଓୟୁଏଟି

## ଟିଲାପିଆ - ମାଛ ଚାଷରେ ଏକ ନୂଆ ସମ୍ଭାବନା



ବିଜ୍ଞାନ ମିହିର ରାଉତ

ଟିଲାପିଆର ପ୍ରାୟ ୨୦ଟିପ୍ରଜାତି ମଧ୍ୟରୁ ଅଧିକାଂଶ ଆଫ୍ରିକା ପଶ୍ଚିମପାର୍ଶ୍ୱରେ ଥିବା ନଦୀମାନଙ୍କରେ ମିଳିଥାଏ। ଏଥିରୁ ମୁଖ୍ୟତ ୯ପ୍ରକାରର ପ୍ରଜାତି ଉପଯୁକ୍ତ ମନେ ହୁଏ। ନୀଳନଦୀ ଟିଲାପିଆ ସାରା ବିଶ୍ୱରେ ମୁଖ୍ୟ ଚାଷ ଉପଯୋଗୀ ଟିଲାପିଆ ଭାବେ ଗଣା ହୋଇଥାଏ। ନୀଳ ଟିଲାପିଆ ଶଙ୍କର ଜାତୀୟ ଟିଲାପିଆ ଉତ୍ପନ୍ନ କରିବାରେ ବ୍ୟବହାର କରାଯାଇଥାଏ। ଏହା ସମୁଦାୟ ବିଶ୍ୱର ଟିଲାପିଆ ଉତ୍ପାଦନର ପ୍ରାୟ ଶତକଡ଼ା ୮୦ଭାଗ ହୋଇଥାଏ। ଏଥିପାଇଁ ସାଧାରଣତଃ ଥଣ୍ଡା ଜଳବାୟୁ ଥିବା ପରିବେଶ ଆବଶ୍ୟକ। ମୋଜାମ୍ବିଆ ଟିଲାପିଆ ନୀଳନଦୀ ଟିଲାପିଆର ପ୍ରଜାତି ଅଟେ। ଲାଲ୍ ଟିଲାପିଆ - ଏହା ପ୍ରଥମେ ତାଇୱାନରେ ଉତ୍ପାଦିତ ହୋଇଥିଲା। ଏହା ବର୍ତ୍ତମାନ ସାରା ବିଶ୍ୱରେ ଆଦୃତ ହୋଇପାରିଛି।

ଉତ୍ପାଦନ- ଟିଲାପିଆ ଉତ୍ପାଦନରେ ମୁଖ୍ୟତ ୧୦ଟି ଦେଶ ଆଗରେ ଅଛନ୍ତି। ତନ୍ମଧ୍ୟରୁ ଏସିଆ ମହାଦେଶରେ ଚୀନ୍ ହେଉଛି ମୁଖ୍ୟ ଟିଲାପିଆ ଉତ୍ପାଦନ କାରୀ ରାଷ୍ଟ୍ର। ବିଶ୍ୱର ଅର୍ଦ୍ଧାଧିକ ଟିଲାପିଆ ଚୀନ୍ ଆସିଥାଏ। ସମୁଦାୟ ଉତ୍ପାଦନର ପ୍ରାୟ ୮୫ ଶତକଡ଼ା ମଧୁର ପାଣିରୁ ଆସିଥାଏ। ଏହାକୁ ଉଭୟ ମଧୁର ଓ କ୍ଷାର ପାଣିରେ ଚାଷ କରାଯାଇପାରେ। ଭେକଟି ମାଛ ଚାଷରେ ଏହାକୁ ମୁଖ୍ୟ ଖାଦ୍ୟଭାବେ ବ୍ୟବହାର କରାଯାଇଥାଏ। ବିଭିନ୍ନ ଚାଷ ପଦ୍ଧତି- ପିରା ଚାଷ- ହ୍ରଦ ଓ ଜଳଭଣ୍ଡାର ମଧ୍ୟରେ ଟିଲାପିଆ

ଟିଲାପିଆ ମାଛକୁ କେତେକ ଗରିବଙ୍କ ମାଛ ବୋଲି କହନ୍ତି। ଏହାର ମୂଳ ବାସସ୍ଥାନ ଆଫ୍ରିକା। ଆଫ୍ରିକା ମହାଦେଶ ବାହାରେ ସର୍ବପ୍ରଥମେ ଏହାର ଏକ ପ୍ରଜାତି ମୋଜାମ୍ବିକ ଟିଲାପିଆ ଚାଷ ଆରମ୍ଭ ହୋଇଥିଲା। କିନ୍ତୁଏହା କ୍ଷୁଦ୍ର, କମ୍ ଚାହିଦା ଓ କେତେକ ଅନାଦୃତ କାରଣ ବଶତ ଏହାର ଚାଷ ସଫଳ ହୋଇପାରିନଥିଲା। ପରେ ବିଂଶ ଶତାବ୍ଦୀରେ ଏକ ଉନ୍ନତ ପ୍ରଜାତିର ଟିଲାପିଆକୁ ଚାଷ କରାଯାଇ ଅଭୁତପୂର୍ବ ସଫଳତା ହାସଲ କରାଯାଇଥିଲା। ଏହାକୁ ବିଂଶ ଶତାବ୍ଦୀର ମୁଖ୍ୟ ଜଳଜୀବ ଭାବେ ଗଣା ଯାଉଛି। ଏହି ମାଛ ଅତ୍ୟନ୍ତ ସହନଶୀଳ ଓ ରୋଗପ୍ରତିରୋଧକ୍ଷମ ହୋଇଥାଏ। ଏହାଛଡ଼ା ୪-୬ ମାସ ଭିତରେ ବିକ୍ରିଯୋଗ୍ୟ ହୋଇଥାଏ। ଏହି ମାଛକୁ ବର୍ତ୍ତମାନ ବ୍ୟବସାୟିକ ଉଦ୍ଦେଶ୍ୟରେ ଚାଷ କରାଯାଉଛି।



ଚାଷ କରିବାରେ ଫିଲିପାଇନ୍ସ ଅଗ୍ରଣୀ। ପିରା ଚାଷ ମାଧ୍ୟମରେ ୫ ମାସରେ ୧୦୦ ବର୍ଗମିଟରରେ ୧୭୫ ଗ୍ରାମ ହାରାହାରି ଓଜନର ୫୪୦ କିଗ୍ରା ନୀଳନଦୀ ଟିଲାପିଆ ଉତ୍ପାନନ ହୋଇପାରିଥାଏ। ସେହିପରି ଚୀନ୍, ମାଲେସିଆ ଓ ତିଂଗାପୁରରେ ଅଧିକାଂଶ ଚାଷୀ ଲାଲ୍ ଟିଲାପିଆକୁ କେନାଲ ବନ୍ଧ ଓ ଜଳଭଣ୍ଡାରରେ ପିଞ୍ଜରା ମଧ୍ୟରେ ସଗନ ଓ ଅର୍ଦ୍ଧସଘନ ଚାଷକଲା ବେଳେ ମଧ୍ୟ ବ୍ୟବହୃତ ହୋଇଥାଏ।

ପୋଖରୀ ଚାଷ- ଫିଲିଫାଇନ୍ସରେ ଟିଲାପିଆକୁ ଏକୁଲି ଚାଷ ଏବଂ ବାଂଲାଦେଶ, ଚୀନ ଆଦି ରାଷ୍ଟ୍ରରେ ମଶ୍ରିତ ଚାଷ ଭାବେ ବ୍ୟବହାର କରାଯାଇଥାଏ। ଉତ୍ପାଦନ କ୍ଷେତ୍ରରେ ତାଇୱାନ ହେକ୍ଟର ପିଛା ହାରାହାରି ସର୍ବାଧିକ ୧୫-୨୦ ଟନ୍ ହେଉଥିବା ବେଳେ ଚୀନ୍,ଥାଇଲାଣ୍ଡ ଏହା ପଛକୁ ଅଛନ୍ତି। ଫିଲିପାଇନ୍ସରେ ୩-୪ ମାସ ଭିତରେ ୮୦-୯୦ ଶତକଡ଼ା ୧୫୦-୨୦୦ ଗ୍ରାମ ଓଜନର ୪-୭ ଟନ ଟିଲାପିଆ ଉତ୍ପନ୍ନ ହୋଇପାରିବ।

ସେହିପରି ଦକ୍ଷିଣପୂର୍ବ ଏସିଆରେ ଇଣ୍ଡୋନେସିଆ, ଥାଇଲାଣ୍ଡ, ଭିଏତନାମ ଆଦି ଦେଶରେ ଟିଲାପିଆକୁ ମିଶ୍ରିତ ଚାଷ ଭାବରେ ମଧୁର ପାଣିରେ କୃଷି ଓ ପଶୁପାଳନ ସହ ସମ୍ମୋହିତ ଭାବେ ଚାଷ କରାଯାଇଥାଏ। ନୀଳନଦୀ ଟିଲାପିଆ ଚାଷକୁ ମୁଖ୍ୟତଃ ମଧୁର ପାଣିରେ କରାଯାଇଥାଏ। ଏହାକୁ ତାଇୱାନ, ମାଲେସିଆର କଂକ୍ରିଟ୍ ପୋଖରୀରେ ସଘନ ଚାଷ କରାଯାଇଥାଏ।

ଏକଲିଙ୍ଗି ଚାଷ- ଟିଲାପିଆ ସାଧାରଣତଃ ୪-୬ ମାସ ବୟସ ମଧ୍ୟରେ ଉତ୍ପାଦନ କାରଯାଇଥାଏ। ଯାହା ଫଳରେ ପୋଖରୀରେ ବହୁଳ ପରିମାଣରେ ବାମନ ଆକୃତି ବିଶିଷ୍ଟ ଟିଲାପିଆ ମାଛ ମିଳିଥାଏ। ସୁତରାଂ ଏହାର ପ୍ରଜନନକୁ ନିୟନ୍ତ୍ରଣ କରିବା ଆବଶ୍ୟକ ହୋଇଥାଏ। ଅଧିକାଂଶ ଚାଷୀ ଏକଲିଙ୍ଗି ଚାଷକୁ ଗୁରୁତ୍ୱ ଦେଇଥାନ୍ତି। ସମୁଦାୟ ଚାଷ ଖର୍ଚ୍ଚର ପ୍ରାୟ ୩୪% କେବଳ ଖାଦ୍ୟ ଦ୍ୱାରା ହୋଇଥାଏ। ପିରା ଚାଷରେ ଖାଦ୍ୟର ବହୁଳ ବ୍ୟବହାର ହେତୁ ଏଥିରେ ଖାଦ୍ୟ ଖର୍ଚ୍ଚ ପ୍ରାୟ ୮୫% ହୋଇଥାଏ। କହିବାକୁ ଗଲେ ଟିଲାପିଆ ଚାଷ ଲାଭଦାୟକ ଅଟେ। ଏହି ଦୃଷ୍ଟିରୁ ଏସିଆ ଓ ଆମେରିକାର ବହୁ ରାଷ୍ଟ୍ର ଏବେ ଟିଲାପିଆ ଉତ୍ପାଦନ ଉପରେ ଗୁରୁତ୍ୱ ଦେଉଛନ୍ତି।

ମତ୍ସ୍ୟ ଛାତ୍ର,
ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪

## ବିଶ୍ୱ ମୃତ୍ତିକା ଦିବସ ଅବସରରେ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ

ଶ୍ୟାମଳ ସୁବର୍ଣ୍ଣ ଓଡ଼ିଶାର ଏକ ଅଗ୍ରଣୀ କୃଷି ଭିତ୍ତିକ ପତ୍ରିକା ଭାବରେ କୃଷି ଓ କୃଷକର ଉନ୍ନତି ପାଇଁ କାର୍ଯ୍ୟରତ। କୃଷିର ବି୍ାଶ, କୃଷକର ବିକାଶକୁ ମୂଳମନ୍ତ୍ର ଭାବେ ବିବେଚନା କରି ବିଗତ ୨୦୧୮ ଏପ୍ରିଲରୁ କୃଷି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରକାଶିତ ଏହି ପତ୍ରିକା ନିରନ୍ତର ଭାବେ ପ୍ରକାଶ ପାଇ ଚାଷୀକୁଳ ପାଖରେ ବେଶ ସ୍ନେହ , ଶ୍ରଦ୍ଧା ସାଉଁଟିପାରିଛି। ଶ୍ୟାମଳ ସୁବର୍ଣ୍ଣ ସବୁବେଳେ କୃଷିର ବିକାଶ ସହ କୃଷକର ବିକାଶ ଉପରେ ଗୁରୁତ୍ୱ ଦେଇଥାଏ। ତେବେ ଆଗାମୀ ଡ଼ିସେମ୍ବର ୫ ତାରିଖ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଶ୍ୟାମଳ ସୁବର୍ଣ୍ଣ ତରଫରୁ ପ୍ରବନ୍ଧ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କରାଯାଉଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାଟି ଓ ଏହାର ଉପାଦେୟତା ବିଷୟରେ ସଚେତନତା ସୃଷ୍ଟି କରାଯିବା ହିଁ ଏହାର ମୂଳ ଲକ୍ଷ୍ୟ। କୃଷି ବିଜ୍ଞାନୀ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ମାଟି ସହ ଜନଜୀବନର ବିଶେଷତା ଉପରେ ସଚେତନତା କରାଇବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି କାର୍ଯ୍ୟକ୍ରମ ବୋଲି ପତ୍ରିକାର ସମ୍ପାଦକ ଡ଼ି ଶୁଭମ୍ କହିଛନ୍ତି। ଏହି ପ୍ରବନ୍ଧର ବିଷୟ ବସ୍ତୁ ରହିଛି : ମାଟି -ଚାଷର ଏନ୍ତୁଡ଼ିଶାଳ ଓ ଇଂରାଜୀ ବିଭାଗ ପାଇଁ ବିଷୟ- soil-the life giver of all existence। ଛାତ୍ରଛାତ୍ରୀ ମାନେ ଉଭୟ ଓଡ଼ିଆ ଓ ଇଂରାଜୀରେ ପ୍ରବନ୍ଧ ଲେଖି ୬୦୦-୭୦୦ ଶବ୍ଦ ମଧ୍ୟରେ ୩୦.୧୧.୨୦୨୧ ମଧ୍ୟରେ ପଠାଇବାକୁ ନିବେଦନ କରାଯାଇଛି। ପଠାଇବାର ଠିକଣା - ଇମେଲ- dshuvam97@gmail.com ଓ ଡ଼ାକ ମାଧ୍ୟମରେ - ମାର୍ଫତ- ସମ୍ପାଦକ,ଶ୍ୟାମଳ ସୁବର୍ଣ୍ଣ , ଷ୍ଟେଟ୍ ବ୍ୟାଙ୍କ ପାଖ , ବାସୁଦେବପୁର , ଭଦ୍ରକ ଠିକଣାରେ ପଠାଇପାରିବେ। ପ୍ରତିଯୋଗିତାର ଫଳାଫଳ ଆସନ୍ତା ଡ଼ିସେମ୍ବର ୫ ବିଶ୍ୱ ମୃତ୍ତିକା ଦିବସ ଅବସରରେ ଘୋଷଣା କରାଯିବା ସହ ଶ୍ରେଷ୍ଠ ତିନିଜଣଙ୍କୁ ମାନପତ୍ର ଦିଆଯିବ ବୋଲି ସମ୍ପାଦକ କହିଛନ୍ତି।




# ଡେଙ୍ଗୁ ପ୍ରତିଷେଧକ ନିଜ ହାତରେ



ସାମ୍ପ୍ରତି ସାରା ଭାରତରେ ଡେଙ୍ଗୁ ରୋଗର ଆତଙ୍କ ଖେଳିଯାଇଛି। ଧୀରେଧୀରେ ଏହା ମହାମାରୀର ରୂପ ନେଉଛି। ନିକଟଅତୀତରେ ଭାରତର ରାଜଧାନୀ ଦିଲ୍ଲୀରେ ହଜାର ହଜାର ଲୋକ ଡ଼େଙ୍ଗୁରେ ଆକ୍ରାନ୍ତ ହୋଇଥିଲେ ଓ ସେତେବେଳେ ୧୬ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ଏମାନଙ୍କ ମଧ୍ୟରେ ଜଣେ ଓଡ଼ିଆ ଶିଶୁ ରହିଥିଲା, ଯାହାର ମୃତ୍ୟୁରେ ମର୍ମାହତ ହୋଇ ଶିଶୁର ବାପା ଓ ମା' ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିଲେ। ସେଥିପାଇଁ ସାରା ରାଜ୍ୟରେ ଦୁଃଖର ଛାୟା ଖେଳିଯାଇଥିଲା। କଟକ ବଡ଼ ମେଡ଼ିକାଲ୍ ସମେତ ବ୍ରହ୍ମପୁର, ବୁର୍ଲା ଓ ରାଉରକେଲାରେ ମଧ୍ୟ ଡ଼େଙ୍ଗୁ ରୋଗୀଙ୍କ ଭିଡ଼ ଲାଗିଗଲାଣି। ଅନେକଙ୍କର ମୃତ୍ୟୁ ଘଟିସାରିଲାଣି। ସତର୍କତା ସହିତ ସବୁ ଜିଲ୍ଲା ସଦର ମହକୁମା ହସ୍ପିଟାଲ୍‌ରେ ଡ଼େଙ୍ଗୁ ଚିକିତ୍ସା ପ୍ରକୋଷ୍ଠ ଖୋଲିବାକୁ ଆଦେଶ ଜାରି ହେଲାଣି। ଆଉ ସରକାର ଲୋକମାନଙ୍କ ପାଇଁ ବାର୍ତ୍ତା ଦେଉଛନ୍ତି ଯେ, ଡ଼େଙ୍ଗୁରୋଗ ପାଇଁ ମାଗଣାରେ ଚିକିତ୍ସା କରାଯିବ। ଏହି ମାଗଣା ଚିକିତ୍ସା ଶବ୍ଦଟି ଶୁଣିବାକୁ ମଧୁର ଲାଗିଲେ ବି ଏହା ସଂପୂର୍ଣ୍ଣ ହାସ୍ୟାସ୍ପଦ। ଏହା ସମସ୍ତେ ଜାଣିବା ଉଚିତ ଯେ, ଡ଼େଙ୍ଗୁରୋଗର କୌଣସି ସଫଳ ଚିକିତ୍ସା ପଦ୍ଧତି ବର୍ତ୍ତମାନ ସୁଦ୍ଧା ବାହାରି ପାରିନାହିଁ। ଏହା ଏକ ଭୂତାଣୁ ବା ଭାଇରସ୍ ଦ୍ୱାରା ସଂକ୍ରମିତ ରୋଗ। ଏହି ରୋଗର କୌଣସି ପ୍ରତିଷେଧକ ଟୀକା ବାହାରିନାହିଁ। ଡ଼େଙ୍ଗୁ ଭାଇରସ୍ ଫ୍ଲାବୋ ଭାଇରସ୍ ଗୋଷ୍ଠୀର ଅନ୍ତର୍ଭୁକ୍ତ। ଡ଼େଙ୍ଗୁରୋଗ ଛଡ଼ା ଏମାନେ ୟେଲୋ ଫିବର୍, ଜାପାନୀ ଜେନ୍‌କେପାଲାଇଟିସ୍ ଚିକନ୍‌ଗୁନିଆ, କାୟାସୁର ଫରେଷ୍ଟ ଡ଼ିଜିଜ୍ ଭଳି ଭୂତାଣୁଜନିତ ମାରାତ୍ମକ ରୋଗର କାରଣ ଅଟନ୍ତି। ଡ଼େଙ୍ଗୁରୋଗ ଅନ୍ୟ ଇନ୍‌ଫ୍ଲୁଏଞ୍ଜା ଭୂତାଣୁ ରୋଗ ଭଳି ଆରମ୍ଭ ହୋଇଥାଏ। ମାତ୍ର ଏଥିରେ ଭୟଙ୍କର ମୁଣ୍ଡବ୍ୟଥା, ଦେହବ୍ୟଥା ଓ ଆଣ୍ଠୁବ୍ୟଥା ହୋଇଥାଏ। ବ୍ୟଥାରେ ହାଡ଼ ଭାଙ୍ଗିଗଲା ଭଳି ଲାଗେ। ତେଣୁ ଏହାକୁ ବ୍ରେକ୍‌ବୋନ୍ ଡ଼ିଜିଜ୍ ମଧ୍ୟ କୁହାଯାଏ। ଅଧିକାଂଶ କ୍ଷେତ୍ରରେ ଏହି ରୋଗ ଛାଏଁ ଛାଏଁ ଭଲ ହୋଇଯାଏ। ମାତ୍ର କେତେକ ବିଶେଷ କ୍ଷେତ୍ରରେ ଶରୀରର ବିଭିନ୍ନ ସ୍ଥାନରୁ ରକ୍ତସ୍ରାବ ହୁଏ। ରକ୍ତଚାପ କମି ରୋଗୀର ମୃତ୍ୟୁ ଘଟେ। ଡେଙ୍ଗୁର ବାହକ ହେଉଛି ମଶା। ଏହି ମଶାକୁ ଏଡ଼ିସ୍ ବୋଲି କୁହନ୍ତି। ଏହି ମଶା ବଡ଼ବଡ଼ ଓ ପ୍ରଜାପତି ଭଳି ଚିତ୍ରିତ। ସକାଳ ଓ ସନ୍ଧ୍ୟାରେ ଏମାନେ ମଣିଷକୁ ବେଶୀ କାମୁଡ଼ନ୍ତି ଓ ରୋଗର ଭୂତାଣୁ ଛାଡ଼ି ଦିଅନ୍ତି। ଏହି ମଶାମାନେ ନିର୍ମଳ ଓ ସ୍ଥିର ଜଳରେ ବଂଶ ବିସ୍ତାର କରନ୍ତି। ଘର ଭିତରେ ଓ ବାଡ଼ିରେ ବହୁଦିନ ଧରି ରହିଥିବା ଅଦରକାରୀ ଓ ଅବ୍ୟବହୃତ ଜଳ ଏମାନଙ୍କ ବଂଶବୃଦ୍ଧିରେ ସାହାଯ୍ୟ କରେ। ବାଡ଼ିରେ ପଡ଼ିଥିବା ଭଙ୍ଗା ବାଲ୍‌ତି, ଭଙ୍ଗାଟିଣ ଓ ପୁରୁଣା ଟାୟାର୍‌ରେ ଜମି ରହିଥିବା ପାଣି ଏହି ରୋଗକୁ ଆମନ୍ତ୍ରଣ କରେ। କୁଲର୍‌ରେ ରହୁଥିବା ଅବ୍ୟବହୃତ ଜଳ ମଧ୍ୟ ମଶା ବୃଦ୍ଧି କରେ। ଜଣେ ଗୃହସ୍ଥ ମାତ୍ର ୧୫ ମିନିଟ୍ ପରିଶ୍ରମ କଲେ, ତାଙ୍କ ବାଡ଼ି ବଗିଚାରୁ ଏଭଳି ଜଳର ଉତ୍ସକୁ ଉଚ୍ଛେଦ କରିବା ସଙ୍ଗେସଙ୍ଗେ ନିଜକୁ ଡ଼େଙ୍ଗୁ ରୋଗରୁ ରକ୍ଷାକରିପାରିବେ। ହେଲେ ଏହି ସାମାନ୍ୟ କଥାଟିକୁ ଆମେ କରିବାକୁ ଭୁଲି ଯାଉଛୁ। ସରକାରୀ ଅଫିସ୍, ନିର୍ମାଣ ବିଭାଗ ଇତ୍ୟାଦିରେ ଶହଶହ ଖୋଲା ଡ୍ରମ୍ ପଡ଼ି ରହୁଛି ଓ ସେଗୁଡ଼ିକରେ ପାଣି ଜମୁଛି। କାମ କଲା ପରେ ଠିକାଦାରମାନେ ସେଗୁଡ଼ିକୁ ଫିଙ୍ଗିଦେଇ ଯାଉଛନ୍ତି। ଯନ୍ତ୍ରୀ ମାନେ ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ନିକଟ ଅତୀତରେ ଏହିଭଳି କାରଣ ଯୋଗୁ କଳିଙ୍ଗନଗର ଅଞ୍ଚଳରେ ଡ଼େଙ୍ଗୁ ରୋଗ ବ୍ୟାପିଥିଲା। ପ୍ରତିବର୍ଷ ଡ଼େଙ୍ଗୁରୋଗ ଆରମ୍ଭ ହେଲେ ସରକାରଙ୍କର ରୋଗକଥା ମନେପଡ଼େ। ନିଧି ମଉସା ରଥ ଘାଇଁ ଘାଇଁ ଘୂରିବୁଲେ। ସଚେତନତା ନାଁରେ ସଭାମାନ ହୁଏ। ଏନ୍‌ଜିଓମାନେ ମାଲାମାଲ୍ ହୁଅନ୍ତି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ହୋଡ଼ିଂମାନ ଲାଗେ। ଖବରକାଗଜ ମାନଙ୍କରେ ବିଜ୍ଞାପନ ଦିଆଯାଏ। ଏସବୁରେ ଯେତେ ଟଙ୍କା ଖର୍ଚ୍ଚ ହୁଏ, ତାହାର ଅଧା ଟଙ୍କାରେ ବୋଧେ ସାରା ରାଜ୍ୟରେ ଥିବା ଡ଼େଙ୍ଗୁ ମଶାର ନିବାସ ସ୍ଥଳକୁ ଉଚ୍ଛେଦ କରାଯାଇପାରନ୍ତା। ଆମର ପ୍ରତି ସହର ଆବର୍ଜନାମୟ ହୋଇଗଲାଣି। ଯୁଆଡ଼େ ଦେଖିବ, କୁଢକୁଢ ମଇଳା। ଲୋକମାନେ ଘରୁ ଅଳିଆ ଆଣି ରାସ୍ତା ମଝିରେ ଫିଙ୍ଗୁଛନ୍ତି। ହୋଟେଲ୍‌ଗୁଡ଼ିକ ସବୁ ଅଇଁଠାପତ୍ର ଡ୍ରେନ୍‌ରେ ଅଜାଡ଼ି ଦେଉଛନ୍ତି। ଯୁଆଡ଼େ ଦେଖିବ, ପ୍ଲାଷ୍ଟିକ୍ ଗଦା ଗଦା। ରାସ୍ତା ବୁଡ଼ି ଡ୍ରେନ୍ ପାଣିର ସୁଅ। ଏଭଳି ଅବ୍ୟବସ୍ଥାକୁ ଦେଖିବାକୁ କେହି ନାହାନ୍ତି। ଆଜିକାଲି ସମସ୍ତେ ମନ୍ତ୍ରୀଙ୍କ ଲୋକ, ସମସ୍ତଙ୍କର ପଲିଟିକାଲ୍ ଲିଙ୍କ୍। କାହା ନାଁରେ କେଶ୍‌ଟା କଲେ, ଉପରୁ ଫୋନ୍ ଆସିବ, ସେ ଆମ ଲୋକ। ତେଣୁ ସ୍ୱାସ୍ଥ୍ୟ ନିରୀକ୍ଷକ, ପରିମଳ ନିରୀକ୍ଷକ ମାନେ ମାସିକିଆ ବଟି ନେଇ ଆଖି ବୁଜି ଚାଲି ଯାଉଛନ୍ତି। ପୁଲିସ୍ ବାବୁମାନେ କେଉଁଠି ଦୁଇ ବୋତଲ ମଦ କିମ୍ବା ଜୁଆଖେଳ ଧରି ଫଟୋ ଉଠାଉଛନ୍ତି ସିନା, ହେଲେ ଏସବୁ ପ୍ରତି ସାମାନ୍ୟ ଦୃଷ୍ଟି ଦେଉନାହାନ୍ତି। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଆମ ସରକାର ଲାଗିଲାଗି ଲୋକଙ୍କୁ ସାଧାରଣ ହେଲମେଟ୍‌ଟିଏ ପିନ୍ଧାଇପାରିଲେ ନାହିଁ। ସିଟ୍ ବେଲ୍ଟ ମଧ୍ୟ ଲାଗି ପାରିଲା ନାହିଁ। ତେଣୁ ଆମ ଦେଶରେ ଡ଼େଙ୍ଗୁ ହେବନାହିଁ ତ ଆଉ କେଉଁ ଦେଶରେ ହେବ!

**ଡାକ୍ତର ସୁରେନ୍ଦ୍ରନାଥ ଦାଶ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ନବରଙ୍ଗପୁର,*
*ମୋ-୯୪୩୭୨୩୫୩୮୬*

## ଦିନେ ନୂଆ ଥିବା କ୍ୟାଲେଣ୍ଡରଟା ପୁରୁଣା ହେଇଗଲାଣି, ଆଉ କିଛିଦିନ ପରେ ଅଲୋଡା ହୋଇଯିବ



କ୍ୟାଲେଣ୍ଡର ୨୦୨୨.....
ଠିକ୍ କାଲି ପରି ଲାଗୁଛି
ତୁ ଆସିଥିଲୁ ନୂଆ ହୋଇ
କେତେ ରଙ୍ଗୀନ ସାଜସଜ୍ଜା
ହର୍ଷ ଉଲ୍ଲାସ ଆଖିଖୋଲା ସ୍ୱପ୍ନ
ତୁ ଆସିଲା ପରେ ସତେକି
ବଦଳି ଯିବ ଏ ଦୁନିଆଟା,
ହେଲେ.........
ସମୟ ସହ ଖାଲି ଯାହା
କାନ୍ଥରେ ଟଙ୍ଗା ହୋଇଥିବା
ତୋର ପୃଷ୍ଠା ବଦଳି ଯାଇଛି
ଆଉ ମାତ୍ର କେଇଟା ଦିନ ବାକି
ତୋ ଦେହରେ ଖଞ୍ଜା ପୃଷ୍ଠା
ସରିଯିବ
ତୁ ହୋଇଯିବୁ ଅଲୋଡା
ଅଦରକାରୀ
ତୋ ଜାଗାରେ ଥିବ ଆଉ କିଏ,
ହେଲେ...........
ତୁ ଗଲା ବେଳେ ସାଙ୍ଗରେ
ନେଇଯିବୁ
ସୁଖ ଦୁଃଖର ତିକ୍ତ ମଧୁର
ତୋ ଦେହରେ ଥିବା ଚିହ୍ନ
ତୋ ପ୍ରତ୍ୟେକଟି ପୃଷ୍ଠାର ସ୍ମୃତି
ମନ ବୁଝେଇବାକୁ ଦେଇଯିବୁ
ଆଗକୁ ବଢ଼ିବାର ଅସରା
ସ୍ୱପ୍ନ.........

**-ଅନିତା ଦାସ**
*ପ୍ରଶାନ୍ତି ବିହାର, ଭୁବନେଶ୍ୱର*
*ମୋ: ୯୯୩୭୦୭୫୨୨୬*

# ଆପଣ କେମିତି ପିତାମାତା !



ବେଳେବେଳେ ନିଜ ବଢ଼ିଲା ପୁଅ ଝିଅଙ୍କ ବ୍ୟବହାର ଦେଖି ଆପଣ ଆଶ୍ଚର୍ଯ୍ୟ ହୋଇଯାଉଥିବେ। ଏମିତି ବ୍ୟବହାର ତ ଆପଣ କେବେ କରିନାହାନ୍ତି, ଏମିତି ଚଳଣି ଓ ଖର୍ଚ୍ଚ ତ ଆପଣ କେବେ ଶିଖେଇ ନାହାନ୍ତି। ତା'ହେଲେ ପିଲା ଏମିତି କାହିଁକି ହୋଇଯାଉଛି, ମନେମନେ ଭାବୁଛନ୍ତି ଆପଣ। କେବଳ ଆପଣଙ୍କ ଚଳଣିରୁ ସେ ଯେ ଶିଖେ ଏ କଥା ନୁହେଁ, ବଡ଼ ହେଲେ ଆପଣଙ୍କ ଚଳଣି ଓ ତା ପ୍ରତି ବ୍ୟବହାରର ଅନେକ ପ୍ରତିକ୍ରିୟା ମଧ ପ୍ରକାଶ ପାଏ ତା କାର୍ଯ୍ୟକଳାପରେ। ପିତାମାତାଙ୍କ ବ୍ୟବହାର ପିଲାମାନଙ୍କ ଉପରେ ଗଭୀର ପ୍ରଭାବ ପକାଏ ଏବଂ ସେମାନଙ୍କ ବ୍ୟକ୍ତିତ୍ୱର ମୂଳଦୁଆ ପକାଏ। ତେଣୁ ଆପଣଙ୍କ ପିଲା ସହ ପ୍ରତି ପଦକ୍ଷେପରେ ସାବଧାନ ରହିବା ଦରକାର। ପିଲାଦିନର ଅନୁଭବ ବ୍ୟକ୍ତିତ୍ୱକୁ ଖୁବ୍ ପ୍ରଭାବିତ କରେ। ଯେମିତି ପିଲାଦିନେ ମନରେ ଥିବା କିଛି ଅଭାବକୁ ପୂରଣ କରିବା ପାଇଁ ବଡ଼ବେଳେ କେତେଜଣ ଏତେ ବ୍ୟଗ୍ର ହୋଇପଡ଼ନ୍ତି ଯେ ଏହା ସେମାନଙ୍କ ପାଇଁ ଏକ ମାନସିକ ବିକୃତିରେ ପରିଣତ ହୋଇଯାଏ। ତା'ହେଲେ ଆସନ୍ତୁ ଜାଣିବା ପାଳନର କିଛି କଥା।

**ପିତା-ମାତା କେମିତି ହେଲେ ସନ୍ତାନ କେମିତି ହେବ....**

**ଅତି ଯତ୍ନଶୀଳ ପିତାମାତା, ଦୁର୍ବଳ ବ୍ୟକ୍ତିତ୍ୱର ସନ୍ତାନ :** ଅତି ଯତ୍ନଶୀଳ ବା ଓଭର ପ୍ରୋଟେକ୍ଟିଭ ପିତାମାତାଙ୍କ ସନ୍ତାନ ବଡ଼ ହେବାପରେ ମଧ ସ୍ୱାଧୀନ ହୋଇପାରନ୍ତି ନାହିଁ। ସେମାନଙ୍କ ବ୍ୟକ୍ତିତ୍ୱ ଦୁର୍ବଳ ହୋଇଯାଏ, ସବୁ ଛୋଟ ବଡ଼ କାମରେ ସେମାନେ ପିତାମାତାଙ୍କୁ ଅପେକ୍ଷା କରି ରହନ୍ତି। ବଡ଼ ହୋଇ ନିଜେ ଅଭିଭାବକ ହେବାପରେ ମଧ କୌଣସି ନିଷ୍ପତ୍ତି ନେଇପାରନ୍ତି ନାହିଁ। ନିଜ ପିଲାଙ୍କ ଚାରିପାଖରେ ଘେରି ରହି ସେମାନଙ୍କୁ ସବୁବେଳେ ନିର୍ଭରଶୀଳ କରାଇ ଦେଇଥିବା ପିତାମାତାଙ୍କୁ ହେଲିକପ୍ଟର ପ୍ୟାରେଣ୍ଟ ବୋଲି କୁହାଯାଏ। ଆପଣଙ୍କର ଏପରି ବ୍ୟବହାର ପିଲାର ଭାବନାତ୍ମକ ଓ ମାନସିକ ବିକାଶକୁ ପ୍ରତିରୋଧ କରିଦିଏ। ତେଣୁ ସେମାନଙ୍କୁ ନିଜ ଦୃଷ୍ଟିରେ ଦୁନିଆ ଦେଖିବାକୁ ଓ ଦୁନିଆକୁ ବୁଝିବାର ସୁଯୋଗ ଦିଅନ୍ତି। ଯେଉଁଠାରେ ଆବଶ୍ୟକ ସେହିଠାରେ ସେମାନଙ୍କୁ ସହଯୋଗ ଦିଅନ୍ତୁ।

**ସନ୍ଦେହୀ ପିତାମାତା: ଅବିଶ୍ୱାସୀ ସନ୍ତାନ:** ପିଲାମାନେ ଭୁଲ ବାଟରେ ନଯିବା ପାଇଁ ସେମାନଙ୍କ ଉପରେ ନଜର ରଖିବା ଠିକ୍ କଥା, ମାତ୍ର ସେମାନଙ୍କ ଉପରେ ଅତ୍ୟଧିକ ନଜର ରଖିଲେ ଏହା ସେମାନଙ୍କର ସମସ୍ତଙ୍କ ପ୍ରତି ବିଶ୍ୱାସ ନଷ୍ଟ କରିଦିଏ। ପିତା-ମାତା ଅତ୍ୟଧିକ ସନ୍ଦେହ କରିବା ପିଲାମାନଙ୍କର ସେମାନଙ୍କ ପ୍ରତି ଓ ସମାଜ ପ୍ରତି ଭରସା କମ୍ କରିଦିଏ। ସବୁବେଳେ ସେମାନେ ଫୋନ୍ କଲେ କଥାବାର୍ତ୍ତା ଶୁଣିବା, ସେମାନଙ୍କର ବହିପତ୍ର ଆଦି ଦେଖିବା ଦ୍ୱାରା ପିଲା ସବୁବେଳେ ଭୟ ଭିତରେ ରୁହେ - କାଳେ କେଉଁଠି ଭୁଲ ଧରାପଡ଼ିଯିବ କି? ଏଥିପାଇଁ ସେ ସବୁବେଳେ ପ୍ରସ୍ତୁତ ହୋଇ ରହେ, ନିଜକୁ ବଞ୍ଚେଇବା ପାଇଁ କ'ଣ ମିଛ କହିବ? ସନ୍ଦେହୀ ପିତାମାତା ସବୁ ପରିସ୍ଥିତିକୁ ନେଇ ନିଜ ସନ୍ତାନମାନଙ୍କର ଏକ ଭୟ ସୃଷ୍ଟି କରିଥାନ୍ତି। ଏହି ଭୟ ସହ ବଡ଼ ହେଉଥିବା ପିଲାମାନଙ୍କର ଆତ୍ମବିଶ୍ୱାସ ସ୍ତର ଖୁବ୍ କମ୍ ହୋଇଯାଏ ଓ ସେମାନେ ସହଜରେ କାହା ଉପରେ ବିଶ୍ୱାସ କରିପାରନ୍ତି ନାହିଁ। ଯଦି ଆପଣଙ୍କୁ ମନେ ହେଉଛି ଯେ ପିଲାର ବ୍ୟବହାର ସନ୍ଦେହଜନକ ଓ ତା'ଉପରେ କଡ଼ା ନଜର ରଖିବାକୁ ହେବ, ତା' ହେଲେ ପ୍ରଥମେ ପିଲା ସହ ଆପଣଙ୍କ ସନ୍ଦେହ ବିଷୟରେ ଆଲୋଚନା କରନ୍ତୁ। ଏହାପରେ ତା ଉପରେ ନଜର ରଖିବା ଦରକାର ହେଲେ ପିତାମାତା ପରି ନଜର ରଖନ୍ତୁ, ଗୁଇନ୍ଦା ପରି ନୁହେଁ। ପିଲାକୁ ନିଜ ଭୁଲରୁ କିଛି ଶିଖିବା ପାଇଁ ମଧ ଛାଡ଼ନ୍ତୁ।

**କୁଭାଷା କହୁଥିବା ପିତାମାତା: ନିୟନ୍ତ୍ରଣହୀନ ସନ୍ତାନ:** ପିଲାକୁ ତାର ଭୁଲ ବିଷୟରେ କହିବା ଉଚିତ ହେଲେ ତାକୁ ରାଗି କୁଭାଷା ପ୍ରୟୋଗ କରିବା କିମ୍ବା ମାରପିଟ କରିବା ଠିକ୍ ନୁହେଁ। ଏହା ସେମାନଙ୍କ ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଏ। ପିଲାକୁ ଖରାପ ଭାଷାରେ ଗାଳିଗୁଲଜ କଲେ ତାର ମାନସିକ ଅଭିବୃଦ୍ଧି ବ୍ୟାହତ ହୁଏ ଏବଂ ଆତ୍ମବିଶ୍ୱାସ କମ୍ ହୋଇଯାଏ। ଏମିତି ପିଲା ବଡ଼ ହୋଇ ଅଧିକ ଉଗ୍ର ହୋଇଯାଆନ୍ତି ଏବଂ କଥା କଥାରେ ଭଙ୍ଗାରୁଜା କରନ୍ତି। ସେମାନଙ୍କୁ ନିୟନ୍ତ୍ରଣ କରିବା କଷ୍ଟ ହୋଇଯାଏ। ପିତାମାତା ଦୁର୍ବ୍ୟବହାର କରୁଥିବା ପିଲାମାନେ ବିଛଣାରେ ପରିସ୍ରା କରନ୍ତି। ପାଠପଢ଼ାରେ ସେମାନଙ୍କର ଏକାଗ୍ରତା ରହେନାହିଁ। ତେଣୁ ଥରେ ରାଗିବା ପୂର୍ବରୁ ଅଟକିଯାଇ ଦେଖନ୍ତୁ ପାଟିରୁ କିଛି ଖରାପ ଭାଷା ବାହାରି ଆସୁନି ତ?

**ଜିତିବାକୁ ଚାହୁଁଥିବା ପିତାମାତା-ଆତ୍ମହତ୍ୟାପ୍ରବଣ ସନ୍ତାନ:** ପିଲାଙ୍କ ଉପରେ ସବୁବେଳେ ଜିତିବା ପାଇଁ ଚାପ ପକାଉଥିବା ପିତାମାତା ସେମାନଙ୍କ ପାଇଁ ବୋଝ ପାଲଟି ଯାଆନ୍ତି, ପିଲାମାନେ ମାନସିକ ଭାରସାମ୍ୟ ହରାନ୍ତି। ଏମାନଙ୍କ ମଧରେ ଆତ୍ମହତ୍ୟାପ୍ରବଣତା ଦେଖାଯାଏ। ସାମାନ୍ୟ ହାର ସେମାନେ ବରଦାସ୍ତ କରିପାରନ୍ତି ନାହିଁ। ପିତାମାତା ଛୋଟ ଛୋଟ ଅସଫଳତା ମଧ ସହ୍ୟ କରିପାରୁ ନଥିବାରୁ ପିଲାମାନେ ସ୍ୱାଭାବିକ ଭାବରେ ବଡ଼ ହୋଇପାରନ୍ତି ନାହିଁ। ବଡ଼ ହେବା ପରେ ସେମାନେ ଅନ୍ୟମାନଙ୍କ ଆଶାକୁ ସାମ୍ନା କରିବାକୁ ଡରନ୍ତି ଏବଂ ଆଶା ପୂରଣ କରିନପାରିଲେ ନିଜ ଜୀବନକୁ ମୂଲ୍ୟହୀନ ମନେକରନ୍ତି। ପିତାମାତାଙ୍କର ଏହି ଅଭ୍ୟାସକୁ ହାଇପର ପ୍ୟାରେଣ୍ଟିଙ୍ଗ ସିଣ୍ଡ୍ରୋମ୍ ବୋଲି କୁହାଯାଏ। ଏହି ପିତାମାତା ନିଜର ନକାରାତ୍ମକ ଭାବନା ତ ପ୍ରକାଶ କରିପାରନ୍ତି କିନ୍ତୁ ସକାରାତ୍ମକ ଭାବନା ନୁହେଁ। ମାତ୍ର ପିଲା ପାଇଁ ତା ସମ୍ପର୍କରେ କ'ଣ ସକାରାତ୍ମକ ଭାବନା ରହିଛି ପିତାମାତାଙ୍କର ତାହା ଜାଣିବା ଖୁବ୍ ଜରୁରୀ। ପିତାମାତାଙ୍କର ଏହି ଅତ୍ୟଧିକ ଆଶା ଓ ସନ୍ତାନକୁ ସବୁଥିରେ ସଫଳ ଦେଖିବାର ସ୍ୱପ୍ନ ସେମାନଙ୍କଠାରୁ ସନ୍ତାନକୁ ଛଡ଼ାଇ ଦିଏ। ତେଣୁ ସନ୍ତାନ ଅସଫଳ ହେଲେ ତାକୁ ସଫଳ ହେବା ପାଇଁ ପ୍ରେରଣା ଦିଅନ୍ତୁ। ମାତ୍ର ଅସଫଳତାକୁ ତା ପାଇଁ ବୋଝ କରିଦିଅନ୍ତୁ ନାହିଁ।

**ତୁଳନା କରୁଥିବା ପିତାମାତା-ବଡ଼ିମା ଦେଖାଉଥିବା ସନ୍ତାନ:** ଅନେକ ପିତାମାତା ଅଛନ୍ତି ଯେଉଁମାନେ ନିଜ ପିଲାର ପ୍ରତିଭାକୁ ଠିକ୍ ଭାବରେ ଚିହ୍ନିପାରନ୍ତି ନାହିଁ। ପ୍ରତି ସମୟରେ ପିଲାକୁ ଏହା କହି ଦୁର୍ବଳ କରାଇ ଦିଅନ୍ତି-ଯଦି ସେ ଏହା ପାରୁଛି, ତୁ କାହିଁକି ପାରିବୁନି। ଏମିତି ପିଲା ନିଜକୁ କୌଣସି କାର୍ଯ୍ୟର ଯୋଗ୍ୟ ବୋଲି ଭାବନ୍ତି ମୋ ପାଖରେ କିଛି ବି ନାହିଁ। ଏହି ଭାବନା ଲୁଚାଇବା ପାଇଁ ସେ ଅଧିକ ବଢ଼େଇ ଚଢ଼େଇ କହିବାର ଅଭ୍ୟାସ କରିନିଏ। ନିଜକୁ ଅନ୍ୟଠାରୁ ବଡ଼ ଦେଖାଇବା ପାଇଁ ସେ ମିଛ କଥା କୁହେ। ତେଣୁ ପିଲାକୁ ସବୁବେଳେ ଅନ୍ୟ ସହ ତୁଳନା କରି ତାକୁ ଭାଙ୍ଗି ଦିଅନ୍ତୁ ନାହିଁ। ବରଂ ଛୋଟ ଛୋଟ ସଫଳତାରେ ପ୍ରଶଂସା କରନ୍ତୁ ଏବଂ ସଫଳ ହେବା ପାଇଁ ପ୍ରେରଣା ଓ ସହଯୋଗ ଦିଅନ୍ତୁ।

**ସମୟ ଦେଉନଥିବା ପିତାମାତା-ଗର୍ବୀ ସନ୍ତାନ:** କିଛି ପିତାମାତା ଅଛନ୍ତି ଯେଉଁମାନଙ୍କର ପିଲାର ଦାୟିତ୍ୱପ୍ରତି ଆଗ୍ରହ ନଥାଏ। ସେମାନେ ପିଲାଙ୍କ ପାଇଁ ସମୟ ଦିଅନ୍ତି ନାହିଁ। ବରଂ ପିଲାକୁ ଶାସନ କଲେ ମନଦୁଃଖ କରନ୍ତି। ସେମାନଙ୍କର ବ୍ୟବହାର ମଧ ପିଲା ଉପରେ ଖରାପ ପ୍ରଭାବ ପକାଏ। ସମୟ ଦେଉନଥିବାରୁ ଏହି ପିତାମାତା ପ୍ରାୟ ପିଲାକୁ କେଉଁଥିରେ ବାରଣ କରିପାରନ୍ତି ନାହିଁ। ଫଳରେ ପିଲା ଅତ୍ୟଧିକ ଆତ୍ମବିଶ୍ୱାସୀ ଓ ଗର୍ବୀ ହୋଇଯାଆନ୍ତି। ସେମାନେ ନିଜର ସମାଲୋଚନା କେବେ ମଧ ବରଦାସ୍ତ କରିପାରନ୍ତି ନାହିଁ। ଆପଣଙ୍କ ପାଖରେ ଧନ ପ୍ରତିପତ୍ତି, କ୍ଷମତା ସବୁକିଛି ଥାଇପାରେ କିନ୍ତୁ ସମସ୍ତେ ଭୁଲିଯାଉଛେ ଯେ ପିଲାମାନେ ହେଉଛନ୍ତି ଆମର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି। ସେମାନଙ୍କୁ ଆମେ ଯେଉଁପରି ଗଢ଼ିତୋଳିବା ସେମାନେ ସେହିପରି ଜୀବନ ନିର୍ବାହ କରିବେ ଓ ସେମାନଙ୍କ ଜୀବନର ମୂଲ୍ୟବୋଧକୁ ଆଗେଇ ନେଇ ଆପଣଙ୍କର ଆପଣଙ୍କ ପରିବାରର ଓ ଆପଣଙ୍କ ଆତ୍ମୀୟସ୍ୱଜନ ବନ୍ଧୁବର୍ଗ ସମସ୍ତଙ୍କର ସମ୍ମାନ ବଢ଼ାଇବେ। ଏହାକୁ ମନେରଖିବା ଉଚିତ।

**ରଶ୍ମୀରେଖା ପରିଡ଼ା, ମରିଚପୁର, ବାଲିକୁଦା, ଜଗତସିଂହପୁର, ଦୂରଭାଷ: ୯୧୭୮୨୧୩୭୯୧**

# ବନ୍ଧୁ ମିଳନ ସମାରୋହ



ଗଞ୍ଜାମ (ପିଏନ୍): ୩୦ ଡିସେମ୍ବରେ ଶ୍ରୀ ଶ୍ରୀ ମା ରାମଚଣ୍ଡୀଙ୍କ ପ୍ରାଙ୍ଗଣରେ, ଭାରତୀ ବିଦ୍ୟାପୀଠ, ଗଂଜାମର ୧୯୯୦ ମସିହା ୧୦ମ ଶ୍ରେଣୀ ଛାତ୍ର ସମୂହଙ୍କ ଏକ ବନ୍ଧୁ ମିଳନ ସମାରୋହ ପାଳିତ ହୋଇଯାଇଅଛି। ଉକ୍ତ ସମାରୋହରେ ଛାତ୍ର ସମୟର ବନ୍ଧୁମାନଙ୍କ ମିଳନ ଖୁବ୍ ଭାବପୂର୍ଣ୍ଣ ଥିଲା। ସେଠାରେ ଅବସରପ୍ରାପ୍ତ ପୂର୍ବତନ କ୍ରୀଡ଼ା ଶିକ୍ଷକ ଶ୍ରୀଯୁକ୍ତ ଅଶୋକ କୁମାର ପାତ୍ରଙ୍କୁ ଆମନ୍ତ୍ରଣ ପୂର୍ବକ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ସହ କେତେକ ସ୍ୱର୍ଗୀୟ ଶିକ୍ଷକ ଓ ବନ୍ଧୁମାନଙ୍କ ସ୍ମୃତିରେ ଦୁଇ ମିନଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷକ ଶ୍ରୀ ପାତ୍ରଙ୍କ ଅଭିଭାଷଣରେ ବନ୍ଧୁମାନେ ନିଜ ନିଜ ଛାତ୍ର ସମୟକୁ ଫେରିଯାଇ ଭାବବିହ୍ୱଳ ହୋଇଯାଇଥିଲେ। ବନ୍ଧୁମାନଙ୍କ ସଭାରେ ମୁଖ୍ୟତଃ ଶ୍ରୀ ଦିଲ୍ଲୀପ କୁମାର ପାତ୍ର ନିଜ ବିଦ୍ୟାଳୟର ଉନ୍ନତି ସାଧନରେ ଧ୍ୟାନ ଦେବାକୁ ଆହ୍ୱାନ ଦେଇଥିବା ବେଳେ, ସମାଜର ଉନ୍ନତି ପାଇଁ ପୂର୍ବତନ ଶିକ୍ଷକମାନଙ୍କର ଶିକ୍ଷାର ମହତ୍ୱ ଉପରେ ଗୁରୁତ୍ୱ ଦେଇ ନିଜ ନିଜ ଆଚରଣ ଓ ଉଚ୍ଚାରଣରେ ସଂଯମତା ରକ୍ଷାକରିବା ଓ ଏହାର ପ୍ରସାର କରିବା ଦିଗରେ ଶ୍ରୀ ବନଜ କୁମାର ପାଣିଗ୍ରାହୀ ଧ୍ୟାନ ଆକର୍ଷଣ କରିଥିଲେ। ଶ୍ରୀ ସନ୍ତୋଷ କୁମାର ପଣ୍ଡା ବିବରଣୀ ପଠନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ବନ୍ଧୁ ମିଳନ କାର୍ଯ୍ୟରେ ଶ୍ରୀ ନିରଂଜନ ପରିଡାଙ୍କ ଭୂମିକାକୁ ସମସ୍ତେ ଖୁବ୍ କରତାଳି ସହ ପ୍ରଶଂସା କରିଥିଲେ। ଅନ୍ୟାନ୍ୟ ବନ୍ଧୁମାନଙ୍କ ମଧରେ ଶ୍ରୀ ରୋହିତ କୁମାର ବେହେରା, ଟୁନା ମହାରଣା, ଡି. ମୋହନ ରେଡ୍ଡୀ, ସୁମା ଦାସ, ରାମନାଥ ବେହେରା, ଅଜୟ କୁମାର ବାରିକ, ନିଳାଂଚଳ ବାରିକ, ବିନାୟକ ମାହାପାତ୍ର, ସଂଗ୍ରାମ କେଶରୀ ପାତ୍ର ଆଦି ମୋଟ ୫୨ ଜଣ ବନ୍ଧୁ ଭାବପୂର୍ଣ୍ଣ ହୋଇ ଖୁସିରେ ସଂଗୀତର ତାଳେ ତାଳେ ନାଚିଥିଲେ। ଶେଷରେ ସମସ୍ତଙ୍କୁ ଆଜି ଦିନର ସ୍ମୃତିସନ୍ତକ ରୂପେ ଗୋଟିଏ ଗୋଟିଏ ପ୍ରତ୍ୟାବର୍ତ୍ତନ ଉପହାର ମଧ ପ୍ରଦାନ କରାଯାଇଥିଲା।

## ପଞ୍ଚମ ଶ୍ରେଣୀ ବୃତି ପରୀକ୍ଷା ଫଳ ପ୍ରକାଶିତ, ୭ ଜଣରୁ ୬ଜଣ ଶିଶୁ ମନ୍ଦିରର ଛାତ୍ରଛାତ୍ରୀ



ଚମ୍ପୁଆ (ପିଏନ୍): ଚମ୍ପୁଆ ଶିକ୍ଷା ବ୍ଲକର ପଂଚମ ଶ୍ରେଣୀ ବୃତି ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀମାନେ ବାଜିମାତ କରିଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ସରସ୍ୱତୀ ଶିଶୁ ମନ୍ଦିର କରିଆର ଛାତ୍ରୀ ଶକ୍ତି ପ୍ରଦାୟିନୀ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସରସ୍ୱତୀ ଶିଶୁ ମନ୍ଦିର ଚମ୍ପୁଆର ଛାତ୍ର ଦିପ୍ କୁମାର ମୁର୍ମୁ ଦ୍ୱିତୀୟ, ଓମପ୍ରକାଶ ନାଏକ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କରିଆ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ଗୌରବ ପଣ୍ଡା ଚତୁର୍ଥ, କେମୁଣ୍ଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଜ୍ୟୋତିର୍ମୟୀ ମହାନ୍ତ ପଂଚମ, ସରସ୍ୱତୀ ଶିଶୁ ମନ୍ଦିର ରିମୁଳିର ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶନୀ ଗିରି ଷଷ୍ଠ, ଚମ୍ପୁଆ ଶିଶୁ ମନ୍ଦିରର ଛାତ୍ର ଓମ ଶୁଭମ ନନ୍ଦ ସପ୍ତମ ସ୍ଥାନ ଅଧିକାର କରିଛନ୍ତି ବୋଲି ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ନାଏକ ସୂଚନା ଦେଇଛନ୍ତି।

## ମା' ଓ ଦାଦାଙ୍କୁ ପ୍ରାଣାନ୍ତକ ଆକ୍ରମଣ, ଯୁବକ ଗିରଫ

ଧର୍ମଶାଳା (ପିଏନ୍): ନିଜ ମା' ଓ ସଂପର୍କୀୟ ଦାଦାଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ଧର୍ମଶାଳା ଥାନା ପୁଲିସ୍ ମିର୍ଜାପୁର ଗ୍ରାମର ସୁମନ୍ତ ବିଶ୍ୱାଳକୁ ଗିରଫ କରିଛି। ଅଭିଯୁକ୍ତ ସୁମନ୍ତକୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ମିର୍ଜାପୁର ଗ୍ରାମର ସନ୍ତୋଷ ବିଶ୍ୱାଳଙ୍କ ପୁଅ ସୁମନ୍ତ ନିଶାପାଣି ଖାଇବା ପାଇଁ ଗତକାଲି ମା' ନର୍ମଦା ବିଶ୍ୱାଳଙ୍କୁ ଟଙ୍କା ମାଗିଥିଲା। ତେବେ ମା' ଟଙ୍କା ଦେବାକୁ ମନାକରି ଦେବାରୁ ଉତ୍କ୍ଷିପ୍ତ ହୋଇ ଏକ କାଠ ଫାଳିଆରେ ସେ ନର୍ମଦାଙ୍କୁ ପିଟିଥିଲା। ଏହା ଦେଖି ନିକଟରେ ଥିବା ସମ୍ପର୍କୀୟ ଦାଦା ବାବନ ବିଶ୍ୱାଳ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ଉଭୟ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଚିକିତ୍ସା କରାଯାଇଛି। ଏ ସଂପର୍କରେ ମା' ଓ ଦାଦା ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ୭୧୩/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁମନ୍ତକୁ ଗିରଫ କରିଛି। ଟଙ୍କା କେଇଟା ପାଇଁ ପୁଅ ମା' ଓ ଦାଦାକୁ ପ୍ରାଣାନ୍ତକ ଆକ୍ରମଣ କରିବା ଘଟଣାକୁ ସ୍ଥାନୀୟ ଅଂଚଳରେ ନିନ୍ଦା କରାଯାଇଛି।

## ଗଂଜେଇ ଜବତ, ୨ ଗିରଫ




ଧର୍ମଶାଳା (ପିଏନ୍): ଯାଜପୁର ଜିଲ୍ଲା ପୁଲିସ୍‌ର ସ୍ୱତନ୍ତ୍ର ସ୍କ୍ୱାର୍ଡ ଧର୍ମଶାଳା ଥାନା ଗାନ୍ଧିଛକ ନିକଟରୁ କାର୍‌ରେ ଚାଲାଣ ହେଉଥିବା ବିପୁଳ ପରିମାଣର ଗଂଜେଇ ଜବତ କରିଛି। ପୁଲିସ୍ ୨ଜଣ ବେପାରୀଙ୍କୁ ଗିରଫ କରିଥିବା ବେଳେ ଜଣେ ମହିଳା ବେପାରୀ ଚମ୍ପଟ ମାରଥିଲା। ଅଭିଯୁକ୍ତଙ୍କ ନିକଟରୁ ବ୍ୟବହୃତ କାର୍, ବାଇକ୍, ୭କିଲୋରୁ ଅଧିକ ଗଂଜେଇ, ମୋବାଇଲ ଓ ଟଙ୍କା ଜବତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ସରପଂଚଙ୍କ ଭାଇ ହୋଇଥିବା ବେଳେ ଖସିଯାଇଥିବା ମହିଳା ତାଙ୍କ ଭାଇବୋହୂ ବୋଲି ଜଣାପଡ଼ିଛି। ଗିରଫ ଗଂଜେଇ ବେପାରୀ ମାର୍ଶାଘାଇ ଅଂଚଳର ପ୍ରଭାତ କୁମାର ବେହେରା ଓ କଂଟିଗଡ଼ିଆ ଗ୍ରାମର ସୁଶାନ୍ତ କୁମାର ରାଉତକୁ ପୁଲିସ୍ ପକ୍ଷରୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ ମାର୍ଶାଘାଇ ଅଂଚଳର ପ୍ରଭାତ ଓ ତାଙ୍କର ସହଯୋଗୀ ଏକ କାର୍‌ରେ ଫୁଲବାଣୀରୁ ଗଂଜେଇ ଆଣି ବିଭିନ୍ନ ସ୍ଥାନରେ ବେପାରୀଙ୍କୁ ବିକ୍ରିକରି ଫେରୁଥିଲେ। ଏ ସମ୍ପର୍କରେ ଖବର ପାଇ ୨ଜଣ ପୁଲିସ୍ ଅଧିକାରୀ ଏକ ବାଇକ୍‌ରେ ଛତିଆରୁ ଗଂଜେଇ ବୋଝେଇ କାର୍‌ର ପିଛା କରି ଗାନ୍ଧିଛକ ନିକଟରେ କାବୁ କରି ନେଇଥିଲେ। ପୁଲିସ୍ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କେନ୍ଦ୍ର ସରକାରଙ୍କାର ସାଧାରଣବୀମା କର୍ମଚାରୀ ମିଳିତ ମଂଚ ପକ୍ଷରୁ ଆସନ୍ତା ୪ ତାରିଖରେ ଏକ ଦୀବସିୟ ବନ୍ଦ ଡାକରା



ଭୁବନେଶ୍ୱପର ,(ପି.ଏନ): କେନ୍ଦ୍ର ସରକାରଙ୍କ ଅର୍ଥମନ୍ତ୍ରାଳୟ ଅଧିନସ୍ତ ସାଧାରଣବୀମା କର୍ମଚାରୀ ମିଳିତ ମଂଚ କେନ୍ଦ୍ରୀୟ କ୍ରୀୟାନୁଷ୍ଠାନ କମିଟି ଆହ୍ୱାନରେ ଭୁବନେଶ୍ୱର ଠାରେ ଥିବା ସାଧାରଣ ବୀମା କମ୍ପାନୀରେ ୪ ଟି ଯାକ କମ୍ପାନୀ ତଥା ଓରିଏଂଟାଲ ଇନ୍‌ସୁରାନ୍‌ସ, ନ୍ୟାସନାଲ ଇନ୍ସୁରାନସ୍, ଇୟୁନାଇଟେଡ଼୍ ଇଣ୍ଡିଆ ଇନ୍‌ସୁରାନ୍‌ସ, ନିୟୁଇଣ୍ଡିଆ ଆଂଚଳିକ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀ ମିଳିତ ମଂଚ ପକ୍ଷରୁ ତା. ୨୮/୧୨/୨୦୨୨ ମଧ୍ୟାହ୍ନ ବିରତି ସମୟରେ ନିମ୍ନଲିଖିତ ଦାବୀ ନେଇ ପ୍ରତିବାଦ ସଭା ଓ ସ୍ଲୋଗାନ ଦେଇଥିଲେ। ଅର୍ଥମନ୍ତ୍ରାଳୟ ପକ୍ଷରୁ ସାଧାରଣ ବୀମା କମ୍ପାନୀ ପରିଚାଳନା କର୍ମଚାରୀଙ୍କ ଚାକିରୀ ସର୍ତାବଳୀ, ପରିବର୍ଦ୍ଧିତ ବେତନ ବୃଦ୍ଧି ସର୍ତାବଳି ବୀମା କଂମ୍ପାନୀ କାର୍ଯ୍ୟ ପଦ୍ଧତିର ପରିବର୍ତନକୁ ବିରୋଧ କରାଯାଇଥିଲା। ଅନ୍ୟାନ୍ୟ ଦାବୀ ମଧରେ ପାରିବାରିକ ଭତା ୩୦% ଭାଗକୁ ବୃଦ୍ଧି କରିବା, ପେନସନ ଅନ୍ତଭୁର୍କ୍ତ ହୋଇନଥିବା ସମସ୍ତ କର୍ମଚାରୀଙ୍କୁ ୧୯୯୫ ପେନସନ୍ ଆଇନର ଅନ୍ତର୍ଭୁକ୍ତ କରିବା, ପେନସନ ଅନ୍ତୁର୍ଭକ୍ତ ହୋଇନଥିବା କର୍ମଚାରୀ ଭବିଷ୍ୟନିଧି ପାଣ୍ଠିରେ ମୂଳ ଦରମାର ୧୪ ଭାଗ ଜମା କରିବା ଆଦି ଦାବୀ କରାଯାଇଥିଲା। ମିଳିତ ମଂଚର ଉପରୋକ୍ତ ଦାବୀଗୁଡ଼ିକ ଆସନ୍ତା ୨ ଜାନୁଆରୀ ୨୦୨୩ ସୁଦ୍ଧା ପୁରଣ ନ କଲେ ଆସନ୍ତା ଜାନୁୟାରୀ ୪ ତାରିଖରେ ଭାରତର ୪ଟି ଯାକ କମ୍ପାନୀର ସମସ୍ତ କାର୍ଯ୍ୟାଳୟରେ କାର୍ଯ୍ୟ ବନ୍ଦ ରହିବା ପାଇଁ ନିଷ୍ପତି ହୋଇଛି। ଏହି ଆନ୍ଦୋଳନରେ ୪ ଟି ଯାକ ବୀମା କମ୍ପାନୀର କର୍ମଚାରୀ ପ୍ରାୟ ୫୫ ହଜାର କର୍ମଚାରୀ ଏକ ଦିବସୀୟ ବନ୍ଦ ଡାକରାରେ ଯୋଗଦେବେ। ଉକ୍ତ ପ୍ରତିବାଦ ସଭାରେ ଶ୍ୟାମ ସୁନ୍ଦର ମହାପାତ୍ର, ସୁରେନ୍ଦ୍ର ମାଝି, ନିରଞ୍ଜନ ପରିଡ଼ା, ରମାକାନ୍ତ ପଣ୍ଡା, ତୁଷାର ପରିଡ଼ା ଓ ସାଇପ୍ରସାଦ ମହାନ୍ତି ପ୍ରମୁଖ ନେତ୍ୱତ୍ୱ ନେଇଥିଲେ।

## ବିକାଶକୁ ଚାହିଁ ବସିଛି, ଇନ୍ଦ୍ରଧନୁର ପ୍ରପାତ ଝିଙ୍କିରା ଜଳପ୍ରପାତ

ଯୋଡ଼ା, (ପି.ଏନ): କେନ୍ଦୁଝର ଜିଲ୍ଲା ହେଉଛି ପ୍ରକୃତିର ଗନ୍ତାଘର । ଏହି ଗନ୍ତାଘରେ ରହିଛି ଅନୁପମ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ । ହେଲେ ଅନେକ ଦୃଷ୍ଟି ଆଢୁଆଳରେ ରହିଯାଇଥିବା ବେଳେ ଅନେକ ପର୍ଯ୍ୟଟନସ୍ଥଳୀ ବିକାଶକୁ ଚାହିଁ ବସିଛି । ସେହିପରି ପ୍ରକୃତିର ଅପରୂପ ପର୍ଯ୍ୟଟନସ୍ଥଳୀ ଭାବରେ ପରିଚିତ ଝିଙ୍କିରା ନାଳ ପଯ୍ୟଟନସ୍ଥଳୀର ମାନ୍ୟତାକୁ ଅପେକ୍ଷା କରି ବସିଛି । ଜିଲାର ସୀମାନ୍ତ ଖଣି ଅଂଚଳ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅଧିନସ୍ଥ ବଲାଣି ଲୌହ ଖଣିର ଲିଜ କ୍ଷେତ୍ରର ବଲାଣି ପଂଚାୟତରେ ରହିଛି ଝିଙ୍କିରା ଜଳପ୍ରପାତ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର । ବଲାଣି ଠାରୁ ମାତ୍ର ୪ କିଲୋମିଟର ହୋଇଥିବା ବେଳେ ଖଣି ସହର ବଡ଼ବିଲ ଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଅବସ୍ଥିତ । ବଲାଣି ଲୌହ ଖଣିର ଝିଙ୍କିରା ପମ୍ପ ହାଉସ ନିକଟରେ ଏକ ପ୍ରାକୃତିକ ଝରଣା ବାହାରି ୮୦୦ ଫୁଟ ପାହାଡ଼ରୁ ତଳକୁ ଖସିବା ସମୟରେ ପାହାନ୍ତର ସୂର୍ଯ୍ୟ କିରଣରେ ଇନ୍ଦ୍ରଧନୁ ସୃଷ୍ଟି କରିଥାଏ । ସେଥିପାଇଁ ଏହାକୁ ପର୍ଯ୍ୟଟକ ଇନ୍ଦ୍ରଧନୁର ପ୍ରପାତ ମଧ୍ୟ କହିଥାନ୍ତି । ଘଂଚ ଜଙ୍ଗଲରେ ପରିପୂର୍ଣ୍ଣ ଏହି ଝରଣା ପାଦ ଦେଶରେ ବୋହି ଯାଉଥିବା ଝରଣା ଜଳର କୁଳୁକୁଳୁ ଶବ୍ଦ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ ।

# ଗାଁରୁ ବାସନ୍ଦ ଘଟଣାରେ ସରପଞ୍ଚଙ୍କ ସମେତ ୬ ଜଣଙ୍କ ନାଁରେ ମାମଲା



ବଲାଙ୍ଗିର,(ପି.ଏନ): ବଲାଙ୍ଗିର ସଦର ଥାନା ମିର୍ଦ୍ଧାପାଲି ଗାଁରେ ଗୋଟିଏ ପରିବାରକୁ ସାମାଜିକ ବାସନ୍ଦ ଘଟଣାରେ ସରପଞ୍ଚ ପିଙ୍କୁ ପଟେଲଙ୍କ ସମେତ ୬ ଜଣଙ୍କ ନାଁରେ ଥାନାରେ ମାମଲା ରୁଜୁ ହୋଇଛି। ଗଣମାଧ୍ୟମରୁ ଘଟଣା ସମ୍ପର୍କରେ ଜାଣି ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା ତଦନ୍ତ ନିର୍ଦ୍ଦେଶ ଦେବା ପରେ ହୋଇଛି ଏହି ପ୍ରାଥମିକ କାର୍ଯ୍ୟାନୁଷ୍ଠାନ।ଗତ ୨୭ ତାରିଖରେ ଗାଁରେ ଶୁଳିଆ ଯାତ୍ରା ବେଳେ ସାଇକେଲ ଷ୍ଟାଣ୍ଡ କରି ଫି' ଆଦାୟ କରିବା ଘଟଣାକୁ ବିରୋଧ କରିବାରୁ ସରୋଜ ରାଉତଙ୍କ ପରିବାରକୁ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଗାଁରେ କଙ୍ଗାରୁ କୋର୍ଟ ବସି ତାଙ୍କ ପରିବାରକୁ ଗାଁରୁ ନିଆଁପାଣି ବାସନ୍ଦ କରାଯାଇଛି। କଙ୍ଗାରୁ କୋର୍ଟରେ ନିର୍ଦ୍ଦେଶ ଦିଆଯାଇଛି ଯେ ରାଉତ ପରିବାର ସହ ଗାଁର କୌଣସି ଲୋକ କଥାବାର୍ତ୍ତା କରିବେ ନାହିଁ। ଗାଁ ଦୋକାନରୁ ସେମାନେ ଜିନିଷ କିଣି ପାରିବେ ନାହିଁ। ଯଦି କେହି ଏହି ନିର୍ଦ୍ଦେଶକୁ ବେଖାତିର କରିବେ, ତେବେ ଗାଁ କମିଟି ନିଷ୍ପତ୍ତି ଅନୁଯାୟୀ ତାଙ୍କୁ ୫ ହଜାର ଏକ ଟଙ୍କା ଜୋରିମାନା ଦେବାକୁ ପଡିବ।ମିର୍ଦ୍ଧାପାଲି ସରପଞ୍ଚ ପିଙ୍କୁ ପଟେଲ ରାଜନୀତିକ ଆକ୍ରୋଶ ରଖି ସରୋଜଙ୍କ ପରିବାରକୁ ଷଡଯନ୍ତ୍ର କରି ଏଭଳି ଦଣ୍ଡ ଦେଇଥିବା ମଧ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବେଳେ ସରପଞ୍ଚ ପିଙ୍କୁ ପଟେଲଙ୍କ ବିରୋଧୀ ଗୋଷ୍ଠୀରେ ରାଉତ ପରିବାର ରହିଥିଲେ। ଏଥିପାଇଁ ସେମାନଙ୍କୁ ପାନେ ଦେବାକୁ ସରପଞ୍ଚ ସୁଯୋଗ ଅପେକ୍ଷା ରହିଥିଲେ। ଗତ ୨୭ ତାରିଖ ମିର୍ଦ୍ଧାପାଲି ଗାଁରେ ଆୟୋଜିତ ହୋଇଥିଲା ଶୁଳିଆ ଯାତ୍ରା। ଭିଡ ଯୋଗୁ ସାଇକଲେ ଓ ମୋଟର ସାଇକେଲ ଷ୍ଟାଣ୍ଡ କରାଯାଇଥିଲା। ଗାଁ କମିଟି ନିଷ୍ପତ୍ତି କ୍ରମେ ଗାଁର ମହାକାଳ କ୍ଲବ ଷ୍ଟାଣ୍ଡରୁ ନିରଦ୍ଧିଷ୍ଟ ଫି ଆଦାୟ କରୁଥିଲେ। ତେବେ ସାଇକେଲ ଷ୍ଟାଣ୍ଡରୁ ଫି' ଆଦାୟକୁ ବିରୋଧ କରିଥିଲେ ସରୋଜ ରାଉତ। ଏଥିପାଇଁ ସେଠାରେ କ୍ଲବ ସଦସ୍ୟ ଓ ସରୋଜଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସେହିପରି ଘଟଣାକୁ ନେଇ ଗତକାଲି ପୋଖରୀ ତୁଠରେ ରାଉତ ପରିବାର ଓ କ୍ଲବ ପିଲାଙ୍କ ଭିତରେ ପୁଣିଥରେ ବଚସା ହୋଇଥିଲା। ତା'ପରେ ରାତିରେ ବସିଥିଲା କଙ୍ଗାରୁ କୋର୍ଟ। ସେଠାକୁ ରାଉତ ପରିବାରକୁ ଡକାଯାଇଥିଲା। ଭୁଲ ମାଗିବାକୁ ନିର୍ଦେଶ ଦିଆଯାଇଥିଲା। କିନ୍ତୁ ଦୋଷ ସ୍ୱୀକାର କରି ରାଉତ ପରିବାର ଭୁଲ ନ ମାଗିବାରୁ ସେମାନଙ୍କୁ ସାମାଜିକ ବାସନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

## କିଶୋରାବସ୍ଥାର ସ୍ୱାସ୍ଥ୍ୟ ଓ ବିକାଶର ଅଧିକାର ସମ୍ପର୍କରେ ଜ୍ଞାନ ଆଦାନ ପ୍ରଦାନ କର୍ମଶାଳା

ବଲାଙ୍ଗୀର, (ପି.ଏନ): ୱାଇସିଡିଏ ବାଉଁଶୁଣୀର ଆୟୋଜନରେ ତଥା ଅଜିମ ପ୍ରେମଜୀ ଫାଉଣ୍ଡେସନର ସହଯୋଗରେ କିଶୋରାବସ୍ଥାର ସ୍ୱାସ୍ଥ୍ୟ ଓ ବିକାଶର ଅଧିକାର ସଂପର୍କରେ ଜ୍ଞାନ ଆଦାନ ପ୍ରଦାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ହୋଟେଲ ତ୍ରିବେଣୀର ସଭାକକ୍ଷରେ ଆୟୋଜିତ ଏହି କର୍ମଶାଳା ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ମଂଚାସୀନ ହୋଇଥିଲେ ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ଲଳିତ କୁମାର ଶବର, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଅଧିକାରୀ ଲକ୍ଷ୍ମୀ ସିଂ, ବୌଦ୍ଧ ଜିଲ୍ଲାର ଆଦ୍ରିଜା ସଂଯୋଜିକା ପ୍ରତିଜ୍ଞା ଦାସ । ଉତ୍କଳ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ଭାସ୍ୱତୀ ପଟନାୟକ ଓ ଗବେଷଣା ସହକାରୀ କିଶୋରାବସ୍ଥାର ସ୍ୱାସ୍ଥ୍ୟ ଓ ବିକାଶର ଅଧିକାର ସଂପର୍କରେ ଜ୍ଞାନ ଆଦାନ ପ୍ରଦାନ କର୍ମଶାଳା ଶ୍ରୀମନ୍ତ ଖୁଂଟିଆ ଏହି ପ୍ରକଳ୍ପ ସଂପର୍କରେ କାର୍ଯ୍ୟ ଅଗ୍ରଗତିର ସୂଚନା ଦେଇ ଗତ ତିନି ବର୍ଷ ଭିତରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇ ୧୦୦ ଟି ଗ୍ରାମ, ୩୧୯ଟି ଉଡାନ କ୍ଲବ ମାଧ୍ୟମରେ କିଶୋର କିଶୋରୀ ଛାତ୍ରଛାତ୍ରୀ, ସେମାନଙ୍କ ମାତାପିତା, ଶିକ୍ଷକ ତଥା ଗ୍ରାମବାସୀ ମାନଙ୍କୁ ସଚେତନ କରାଯାଇଥିଲା ।

# ପଣ୍ଡାପଡ଼ା ଟସର ସୋସାଇଟିରେ ମହା ଘୋଟାଲା : ରୋପଣ ବଦଳରେ ଟ୍ରିପ ଟ୍ରିପ ଚାରା ଫିଙ୍ଗିଦେଲେ

ହରିଚନ୍ଦନପୁର, (ପି.ଏନ): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ପଣ୍ଡାପଡା ଟସର ସୋସାଇଟରେ ବୃକ୍ଷରୋପଣ ନାମରେ ଲକ୍ଷାଧିକ ଟଙ୍କା ହରିଲୁଟ, ରାଜସ୍ୱରୁ ଟ୍ରିପ ଟ୍ରିପ ଚାରା ନଷ୍ଟ ଉଦ୍ୟମ ହୋଇଛି। ଗ୍ରାମାଚଂଳର ବିକାଶ ଧାରାରେ ଦୁର୍ନୀତି ଅନ୍ତରାୟ ସୃଷ୍ଟି କରୁଛି । ଦୁର୍ନୀତିକୁ ରୋକିବାକୁ ବିଭିନ୍ନ ସ୍ତରରେ ନିଯୁକ୍ତ ହୋଇଥିବା ସରକାରୀ ଅଧିକାରୀଙ୍କ ନିଷ୍କ୍ରିୟତାକୁ ଦାୟୀ କରାଯାଇଛି । ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନର ଅଭାବ ଯୋଗୁଁ ଦୁର୍ନୀତି କରିବାକୁ ଆହୁରି ଖୋରାକ ଯୋଗାଉଛି । ଏପରି ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମଳିଛି, ହରିଚନ୍ଦନପୁର ବ୍ଲକ ବୁଢ଼ାଖମଣ ଗ୍ରାମପଂଚାୟତ ସୋମଗିରି ଗାଁରେ ।ସୂଚନା ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୨/୨୩ ରେ ପଣ୍ଡାପଡ଼ା ଟସର ସୋସାଇଟି ଦ୍ୱାରା ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧୦ ହେକ୍ଟର ଚାଷ ଜମିରେ ଅସନ ଓ ଅର୍ଜୁନ ବୃକ୍ଷ ରୋପଣ ପ୍ରକଳ୍ପ ନିମନ୍ତେ ୧୮ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଥିଲା । ବିନା ଡିସପ୍ଲେ ବୋର୍ଡରେ ଠିକାଦାର ଓ ଟସର ବିଭାଗ ଅଧିକାରୀ ଅତି ଚଞ୍ଚକତାରେ କାର୍ଯ୍ୟ ଆରମ୍ଭ କରିଥିଲେ । ଯେନତେନେ ଉପାୟରେ କିଛି ସ୍ଥାନରେ ବୃକ୍ଷ ରୋପଣ ହୋଇଥିବା ବେଳେ ପ୍ରାୟ ଦୁଇ ଟ୍ରିପ ଅସନ ଓ ଅର୍ଜୁନ ଗଛର ଚାରାକୁ ଜଙ୍ଗଲର ବିଭିନ୍ନ ସ୍ଥାନରେ ଫିଙ୍ଗି ଦେଇଥିବା ଦେଖିବାକୁ ମିଳିଛି । ରୋପଣ ହୋଇଥିବା କିଛି ଗଛ ଗୁଡ଼ିକର ସାର, ପାଣି ଓ ବାଡ ଅଭାବରୁ ମରି ନଷ୍ଟ ହୋଇଗଲାଣି । କେଉଁଠି ଗାତ ଭିତରେ ଜରି ସହ ଗଛ ଲାଗିଛି ତ ଆଉ କେଉଁଠି ପଡିଆ ସାରା ଫାଙ୍କା ଗାତ ରହିଛି । ଜଗୁଆଳୀ, ସାହିବାସୀ କାମ କରୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସେମାନେ ନିଜର ପାରିଶ୍ରମିକ ପାଇନଥିବା ଅଭିଯୋଗ କରିଛନ୍ତି । ସରକାରୀ ଯୋଜନାକୁ ବାଟବଣା କରି ଏଯାବତ୍ ୭ ଲକ୍ଷ ୫୯ ହଜାର ୭ ଶହ ୫ ଟଙ୍କା ଉଠାଇଥିବା ସରକାରୀ ପ୍ରୋଟାଲରୁ ଜଣାପଡିଛି । ନିରୀହ ଜୁଆଙ୍ଗ ଆଦିବାସୀଙ୍କୁ ଲୋଭ ଦେଖାଇ ସେମାନଙ୍କ ଠାରୁ ଜମି ହାତେଇ ବୃକ୍ଷରୋପଣ କରିବା ଉଦ୍ଦେଶ୍ୟରେ ପଣ୍ଡାପଡ଼ା ଟସର ବିଭାଗ ଅଧିକାରୀମାନେ ଆଦିବାସୀଙ୍କ ଜୀବିକା ନଷ୍ଟ କରୁଛନ୍ତି । ସରକାରୀ ତହବିଲରୁ ଯୋଜନାକୁ କାଗଜପତ୍ରରେ ରୂପାନ୍ତରିତ କରାଯିବା ପାଇଁ କିଭଳି ଲକ୍ଷ ଲକ୍ଷ ଟଙ୍କା ଚଲୁ କରାଯାଉଛି । ଜଙ୍ଗଲରେ ଫିଙ୍ଗା ଯାଇଥିବା ଟ୍ରିପ ଟ୍ରିପ ଅସନ ଓ ଅର୍ଜୁନ ଗଛକୁ ଦେଖିଲେ ତାହା ସ୍ପଷ୍ଟ ଅନୁମେୟ । ବର୍ତମାନ ଏହି ପ୍ରକଳ୍ପର ବାସ୍ତବିକତା ସମ୍ପୂର୍ଣ ଭିନ୍ନ ରହିଛି । ଯେଉଁ ଉଦ୍ଦେଶ୍ୟ ରଖି ଅର୍ଥ ମଞ୍ଜୁର କରଯାଇଥିଲା ତାହା ସଫଳ ହୋଇ ନଥିବା ବେଳେ କେବଳ କାଗଜ କଲମରେ କାର୍ଯ୍ୟ ଦର୍ଶାଇ ଅର୍ଥ ହରିଲୁଟ ହୋଇଥିବା ଜଣାପଡ଼ିଛି ।ଏନେଇ ପଣ୍ଡାପଡ଼ା ଟସର ସୋସାଇଟିର ସେକ୍ରେଟାରୀ ମନୋରଞ୍ଜନ ସୋରେନଙ୍କୁ ଘଟଣା ବାବଦରେ ପଚାରିବାରୁ ସବୁ ଠିକ୍ ଠାକ୍ ଥିବା ସୂଚନା ଦେଇଛନ୍ତି। ଟସର ବିଭାଗର ଜିଲ୍ଲା ଅଧିକାରିଣୀ ସଙ୍ଗୀତା ମିଞ୍ଜଙ୍କୁ ପଚାରିବାରୁ ତଦନ୍ତ ପରେ ଯାହା ଜଣାପଡ଼ିବ, ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କହିଥିଲେ । ଯେଉଁ ଅଧିକାରୀଙ୍କ ପାଇଁ ଯୋଜନା ବାଟବଣା ହୋଇଛି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହୋଇଛି । ଏଥିସହ କାମ କରିଥିବା ଲୋକଙ୍କୁ ନିଜ ନିଜର ପାରିଶ୍ରମିକ ପ୍ରଦାନ କରିବାକୁ ଗ୍ରାମର ପିତାମ୍ବର ଜୁଆଙ୍ଗ, କୃଷ୍ଣ ଜୁଆଙ୍ଗ, ଶ୍ରୀକାନ୍ତ ଜୁଆଙ୍ଗ, ନିରଞ୍ଜନ ଜୁଆଙ୍ଗ, ସୁନୁ ଜୁଆଙ୍ଗ, ମୁରଲୀ ଜୁଆଙ୍ଗ, ଶରତ ଜୁଆଙ୍ଗ, ହେମନ୍ତ ଜୁଆଙ୍ଗ ପ୍ରମୁଖ ଦାବି କରଛନ୍ତି ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର,(ପି.ଏନ): ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସି ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ମ ମଧ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉତ୍ତମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉତ୍ତମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।


2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference

- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Saturday December 31, 2022 ଭୁବନେଶ୍ୱର ଶନିବାର, ଡିସେମ୍ବର ୩୧,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

# ସାଗରିକା କଳା ନିକେତନର ଓଡିଶୀ ନୃତ୍ୟାଭିନୟ ଯୁଗଯୁଗକୁ ଏହି ମତ ପରିବେଷଣ



ଭୁବନେଶ୍ୱର,(ପି.ଏନ):ବନ୍ଦର ନଗରୀ ପାରାଦୀପର ସର୍ବ ପୁରାତନ ନୃତ୍ୟ ଓ ସଂଗୀତ ଅନୁଷ୍ଠାନ ସାଗରିକା କଳା ନିକେତନର ଛାତ୍ରଛାତ୍ରୀ ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପଠାରେ ଓଡିଶା ସରକାରଙ୍କ ଭାଷା ଓ ସଂସ୍କୃତି ବିଭାଗ ଓ ଗୁରୁ କେଳୁ ଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଆନ୍ତର୍ଜାତିକ ଓଡିଶୀ ମହୋତ୍ସବର ୪ର୍ଥ ସଂଧ୍ୟାରେ ଓଡିଶୀ ନୃତ୍ୟ ଯୁଗଯୁଗକୁ ଏହି ମତ ପରିବେଷଣ କରି ନିଜର କଳା ନୈପୁଣ୍ୟତାକୁ ପ୍ରଦର୍ଶନ କରିବା ସଂଗେ ସଂଗେ ଅନେକ ପ୍ରଶଂସା ସାଉଁଟିଛନ୍ତି । ସାଗରିକା କଳା ନିକେତନର ବରିଷ୍ଠ ନୃତ୍ୟଗୁରୁ ବ୍ରଜ କିଶୋର ମଲ୍ଲିକଙ୍କ ବଳିଷ୍ଠ ନିର୍ଦ୍ଦେଶନା ଓ ଅଧ୍ୟକ୍ଷ ଗୁରୁ ପ୍ରଫୁଲ୍ଲ ବଳଙ୍କ ସମୟ ଉପଯୋଗୀ ମାର୍ଗଦର୍ଶନରେ ଛାତ୍ରଛାତ୍ରୀମାନେ ପ୍ରଥମ ଥର ଏପରି ଏକ ଆନ୍ତର୍ଜାତୀକ ସ୍ତରର ଓଡିଶୀ ନୃତ୍ୟ ମହୋତ୍ସବରେ ଭାଗ ନେଇ ବନ୍ଦର ନଗରୀକୁ ଗୌରବ ଆଣି ଦେଇଛନ୍ତି । ସାଗରିକା କଳା ନିକେତନ ବିଗତ ଅନେକ ବର୍ଷ ଧରି ବନ୍ଦର ନଗରୀ ଓ ତାର ଆଖପାଖ ଅଂଚଳରେ ଓଡିଶୀ ପ୍ରତିଭା ସୃଷ୍ଟି କରିବା ସଂଗେ ସଂଗେ ଓଡିଶୀ ନୃତ୍ୟର ପ୍ରସାର ଏବଂ ଏହାର ବିକାଶ କରିବାରେ ନିରନ୍ତର ପ୍ରୟାସ ଜାରି ରଖିଛି । ପାରାଦ୍ୱୀପ ବନ୍ଦରର ପୃଷ୍ଟପୋଷକତାରେ ଚାଲିଥିବା ଏହି ଆନୁଷ୍ଠାନଟି ଏହା ମଧ୍ୟରେ ଅନେକ ପ୍ରତିଭା ସୃଷ୍ଟି କରିବାରେ ସଫଳ ହୋଇପାରିଛି ଓ ଅନେକ ଛାତ୍ରଛାତ୍ରୀମାନେ ଓଡିଶୀ ନୃତ୍ୟକୁ ନିଜର ପେଷା ଭାବରେ ମଧ୍ୟ ଗ୍ରହଣ କରିଛନ୍ତି । ଆନ୍ତର୍ଜାତୀକ ଓଡିଶୀ ନୃତ୍ୟ ମହୋତ୍ସବରେ ଅନୁଷ୍ଠାନର ଶିକ୍ଷାନ୍‌ବିଶମାନେ ଅଂଶ ଗ୍ରହଣ କରିବା ଦ୍ୱାରା ସେମାନଙ୍କ ମଧ୍ୟରେ ବେଶ ଉତ୍ସାହ ଉଦ୍ଦିପନା ପ୍ରକାଶ ପାଇଛି । ଏହା ଦ୍ୱାରା ଆମ ରାଜ୍ୟ ତଥା ରାଜ୍ୟ ଏବଂ ଦେଶ ବାହାରୁ ଆସିଥିବା ଅନ୍ୟ ଓଡିଶୀ ନୃତ୍ୟଶିଳ୍ପୀ ଏବଂ ନୃତ୍ୟ ଗୁରୁମାନଙ୍କ ସଂସ୍ପର୍ଶରେ ଆସିବା ଛାତ୍ରଛାତ୍ରୀମାନଙ୍କ ପାଇଁ ବେଶ୍ ଶିକ୍ଷଣୀୟ ବୋଲି ଅନୁଷ୍ଠାନର ସମ୍ପାଦକ ନିରୋଜ କୁମାର ପଟ୍ଟନାୟକ ପ୍ରକାଶ କରିଛନ୍ତି ।

## ଜାନୁଆରି ପହିଲାରେ ବିଶ୍ୱଶାନ୍ତି ପାଇଁ ସମୂହ ପ୍ରାର୍ଥନା

କେନ୍ଦ୍ରାପଡ଼ା,(ପି.ଏନ): ବିଶ୍ୱରେ ଭିନ୍ନ ଭିନ୍ନ ଉଦେଶ୍ୟରେ ଭିନ୍ନ ଭିନ୍ନ ଦିବସ ପାଳନ କରାଯାଉଛି । ତେବେ ସବୁଧର୍ମରେ ପ୍ରାର୍ଥନାର ଗୁରୁତ୍ୱ ଥିବା ସତ୍ତ୍ୱେ ବିଶ୍ୱ ପ୍ରାର୍ଥନା ଦିବସ ପାଳନ କରାଯାଉନାହିଁ । ଏଣୁ ପ୍ରତିବର୍ଷ ଜାନୁଆରି ପହିଲାକୁ ବିଶ୍ୱ ପ୍ରାର୍ଥନା ଦିବସ ଭାବେ ପାଳନ କରିବା ପାଇଁ ପ୍ରାର୍ଥନା ଦିବସ ପରିଚାଳନା ସମିତିର ସଭାପତି ପ୍ରାଖ୍ୟାତ ଆଧ୍ୟାତ୍ମିକ ଗୁରୁ ତଥା ଦିବ୍ୟ ଜୀବନ ସଙ୍ଘର ସନ୍ୟାସୀ ଶ୍ରୀମା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀ ନିବେଦନ କରିଛନ୍ତି । ପ୍ରତ୍ୟେକ ବର୍ଷ ଜାନୁଆରି ପହିଲାରେ ଘଣ୍ଟାଟିଏ ବିଶ୍ୱଶାନ୍ତି ପାଇଁ ନିଜ ନିଜ ଇଷ୍ଟଦେବଙ୍କ ପାଖରେ ପ୍ରାର୍ଥନା କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଏହି ଉଦେଶ୍ୟରେ ସେ ଗତ ୫ବର୍ଷ ଧରି ବିଭିନ୍ନ ସ୍ଥାନରେ ସମୂହ ପ୍ରାର୍ଥନାର ଆୟୋଜନ କରାଇ ଆସୁଥିବା ବେଳେ ଆସନ୍ତା ୨୦୨୩ ଜାନୁଆରି ପହିଲା ସକାଳ ୬ଟାରୁ ୭ଟା ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାର୍ଥନାର ଆୟୋଜନ କରାଯାଇଛି । ଏଥିସହିତ ପୁରୀ ଶ୍ରୀକ୍ଷେତ୍ରରେ ଅପରାହ୍ନ ସାଢେ ୪ଟାରୁ ଘଣ୍ଟାଟିଏ ଶରଧାବାଲିର ମୁକ୍ତାକାଶ ରଙ୍ଗମଚରେ ସମୂହ ପ୍ରାର୍ଥନାର ଆୟୋଜନ କରାଯାଇଛି ।

## ଆଇ ଆର ବି ଯବାନଙ୍କ କାର୍ଯ୍ୟରତ ସାମ୍ବାଦିକଙ୍କ ପ୍ରତି ଦୁର୍ବ୍ୟବହାର, ପ୍ରେସକ୍ଲବ ପକ୍ଷ୍ୟରୁ ଏସପିଙ୍କୁ ଦାବି ପତ୍ର

ଫୁଲବାଣୀ ,(ପି.ଏନ):ଆଜି ଜିଲ୍ଲା ପ୍ରେସ କ୍ଲବ ସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଲିଖିତ ଅଭିଯୋଗ କନ୍ଧମାଳ ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରାଯାଇଛି । ଯାହା ଲିଖିତ ଅଭିଯୋଗ ରହିଛି ଗତ ୨୮/୧୨/୨୦୨୨ ତାରିଖ (ବୁଧବାର) ଦିନ ଫୁଲବାଣୀରେ ବିଶ୍ୱ ପୁରୁଷ ହକି କପକୁ ସ୍ୱାଗତ ଏବଂ ଏହାର ପ୍ରଦର୍ଶନୀ ଶୋଭାଯାତ୍ର ବେଳେ, ସ୍ଥାନୀୟ ମାଦିକୁନ୍ଦା ଛକଠାରେ,ଶୋଭାଯାତ୍ରାର ଖବର ସଂଗ୍ରହ କରୁଥିବା ବେଳେ ଫୁଲବାଣୀର ସାମ୍ବାଦିକ ଆଦିତ୍ୟ ପ୍ରସାଦ ତ୍ରିପାଠୀଙ୍କୁ ସେହି ଅବସରରେ ଡିୟୁଟିରେ ନିୟୋଜିତ ଥିବା ଜଣେ ଆଇଆରବି ଜବାନ, ଅଶାଳୀନ ବ୍ୟବହାର କରିବା ସହିତ ସମଗ୍ର ସାମ୍ବାଦିକ ମାନଙ୍କ ଉଦ୍ଦେଶ୍ୟରେ ମଧ ଅଶାଳୀନ ଭାଷା ପ୍ରୟୋଗ କରିଥିଲେ । ଏହାକୁ ବିରୋଧ କରି ସାମ୍ବାଦିକ ଆଦିତ୍ୟ ପୋଲିସ ବିଭାଗର ଉପସ୍ଥିତ ଅଧିକାରୀଙ୍କୁ ଅଭିଯୋଗ କରିବାକୁ କହିବାରୁ,ତୁମେ ମୋ ନାରେ ଏସପିଙ୍କୁ ମଧ ଅଭିଯୋଗ କର ମୋର କେହି କିଛି କରିପାରିବେ ନାହିଁ ବୋଲି କହିଥିଲେ । ଫଳରେ ସେଠାରେ ଥିବା ଜନ ଗହଳି ମଧ୍ୟରେ କାର୍ଯ୍ୟରତ ସାମ୍ବାଦିକ ଆଦିତ୍ୟଙ୍କ ଅସମ୍ମାନ ହେବା ସହିତ ସମସ୍ତ ସାମ୍ବାଦିକ ମାନଙ୍କର ମଧ ଅସମ୍ମାନ ହୋଇଥିବା ନେଇ ଏସପିଙ୍କୁ ଅଭିଯୋଗ କରାଯାଇଛି । ପୋଲିସ ବିଭାଗ ଜନତାଙ୍କ ନିକଟତର ହେବାକୁ ଏବଂ ସେମାନଙ୍କ ସେବା କରିବା ଦିଗରେ ପ୍ରଚେଷ୍ଟା ଚଳାଇଥିବା ବେଳେ ଜବାନ ଜଣଙ୍କର ଏତାଦୃଶ ଅଶାଳୀନ ବ୍ୟବହାର ସହ ଆଇ ଆର ବି ଜଣଙ୍କ ପୋଷାକରେ ନାମ ଫଳକ ନଥିବା,ଏବଂ ଜଣେ ଯବାନର କଥା ବାର୍ତ୍ତା ସଜ୍ଞୀମତା ଯେପରି ରହିବା କଥା ତାହା ତାଙ୍କ ବ୍ୟବହାର ରେ ପରିଲକ୍ଷିତ ହୋଇ ନ ଥିଲା । ଯଦି ଗଣମାଧ୍ୟମ ପ୍ରତିନିଧି ମାନଙ୍କ ପ୍ରତି ଜବାନଙ୍କ ଏହିଭଳି ଆଚରଣ, ତେବେ ସାଧାରଣ ଜନତାଙ୍କ ଉପରେ କିପରି ବ୍ୟବହାର କରୁଥିବେ ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ବୋଲି ସାମ୍ବାଦିକ ମହଲରେ ଆଲୋଚନା ହେଉଛି । ଏ ନେଇ ଜିଲ୍ଲା ପ୍ରେସ କ୍ଲବ ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ ଓ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କୁ ଅବଗତ କରାଇବା ପରେ ଆଜି ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ଏକ ଲିଖିତ ଅଭିଯୋଗ କନ୍ଧମାଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲଙ୍କୁ ପ୍ରଦାନ କରାଯାଇଛି । ସେ ଲିଖିତ ଅଭିଯୋଗ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଅଗରୱାଲ ଏକ ଦୃଷ୍ଟାନ୍ତ ମୁଳକ ପଦକ୍ଷେପ ନେବା ପାଇଁ ପ୍ରତିଶୃତି ଦେଇଛନ୍ତି । ଏହି ଘଟଣା ଜାଣିବା ପରେ ବରିଷ୍ଠ ସାମ୍ବାଦିକ ତଥା କେ ଡି ଜେ ଏ ସଭାପତି ଡଃ ଅରୂପ କୁମାର ଜେନା, ଶିବାନନ୍ଦ ପଟ୍ଟନାୟକ, ଜୟସେନ ପରିଡା, ସାମାଜ ସେବୀ ଅଶୋକ କୁମାର ପରିଡା, ଜାଗ୍ରତ କନ୍ଧମାଳର ପ୍ରତିଷ୍ଠାତା ତଥା ଆଇନଜୀବୀ ସତ୍ୟ ନାରାୟଣ ବେହେରା, ଜିଲ୍ଲା ଓକିଲ ସଂଘ ସଭାପତି ବିଜୟ କୁମାର ମହାନ୍ତି ଓ ସମ୍ପାଦକ ଦୂର୍ଗା ଶଙ୍କର ପଟ୍ଟନାୟକ,ବାର ୱେଲଫେଆର ଅଧକ୍ଷ ହରିଶ୍ଚନ୍ଦ୍ର ମହାରଣା, ବରିଷ୍ଠ ବିଜୟ କୃଷ୍ଣ ପଟ୍ଟନାୟକ, ବିଜେପି ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଭଗବାନ ମହାନ୍ତି,କନ୍ଧମାଳ ପିପୁଲ୍ସ ଫୋରମର ସଭାପତି ରାଧା ମୋହନ ମହାପାତ୍ର, କନ୍ଧମାଳ ଜିଲ୍ଲା ମିଡିଆ ଫୋରମର ସଭାପତି ସୁନୀଲ ବିଶ୍ୱାଳ ଓ ସମ୍ପାଦକ ଡଃ ସୂର୍ଯ୍ୟ ନାରାୟଣ ବେହେରା, ପ୍ରମୂଖ ଘୋର ନିନ୍ଦା କରିଛନ୍ତି କ୍ଷ ଅନ୍ୟ ମାନଙ୍କ ମଧରେ ସାମ୍ବାଦିକ, ବିରେନ୍ଦ୍ର ସୁବୁଦ୍ଧି,ସନ୍ତୋଷ ମିଶ୍ର, ଶିବ ବିଶ୍ୱାଳ, ପ୍ରଶାନ୍ତ କୁମାର ଜେନା, ରମେଶ ଚନ୍ଦ୍ର ପ୍ରଧାନ, ବୈଦ୍ୟ ନାଥ ବେହେରା, ଶିବ ନାୟକ, ପ୍ରତାପ ଦିଗାଲ, କ୍ଷିତିଶ ମଲିକ , ଅଚ୍ୟୁତାନନ୍ଦ ସେଠୀ, ଲଳିତ ମଲିକଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ ।

## ଏନଏସଏସର ସ୍ୱତନ୍ତ୍ର ଶୀତ ଶିବିର ଉଦଯାପିତ

ଜୟପୁର, (ପି.ଏନ): ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନଏସଏସ) ଆନୁକୂଲ୍ୟରେ ପୈ ।କ୍ଷ୍ୟଗ୍ରାମ ଫୁଲବାଡ ଠାରେ ଆୟୋଜିତ ସପ୍ତ ଦିବସୀୟ ଶୀତ ଶିବିର ଉଦଯାପିତ ହୋଇଯାଇଛି । ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ଼. ମନୋରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ସ୍ୱତନ୍ତ୍ର ଶୀତ ଶିବିର ୨୩/୧୨/୨୦୨୨ ରୁ ୨୯/୧୨/୨୦୨୨ ପର୍ଯ୍ୟନ୍ତ ଚାଲିଥିଲା । ପଚାଶ ଜଣ ଛାତ୍ରୀ ସ୍ୱେଚ୍ଛାସେବୀଙ୍କୁ ନେଇ ଅନୁଷ୍ଠିତ ହେଉଥିବା ଏହି ସ୍ୱତନ୍ତ୍ର ଶୀତ ଶିବିରର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ସହଯୋଗୀ ପ୍ରଫେସର ତଥା ସରକାରୀ ମହିଳା ମହାବିଦ୍ୟାଳୟର ପରିଚାଳନା ସମିତିର ସଭାପତି ପ୍ରେମାନନ୍ଦ ଦାଶ ଯୋଗଦେଇ ସ୍ୱେଚ୍ଛାସେବୀ ମାନଙ୍କ ନିଷ୍ଠା ଓ ସେବା ବ୍ରତୀ ମନୋବୃତିକୁ ପ୍ରଶଂସା କରିବା ସହ ଚାକିରି ସମୟରେ ଜାତୀୟ ସେବା ଯୋଜନାର ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ ।

## କବି ବାସନ୍ତୀ ଦାସଙ୍କ କବିତା ଓ ଗଳ୍ପ ପୁସ୍ତକ ଉନ୍ମୋଚିତ

ବାଲେଶ୍ୱର,(ପି.ଏନ); ରେମୁଣା ସାହିତ୍ୟ ସଂସଦ ଆନୁକୂଲ୍ୟରେ କବୟତ୍ରୀ ବାସନ୍ତୀ ଦାସଙ୍କ କବିତା କଳିକା ଓ ଗଳ୍ପ ଗୁଚ୍ଛ ଅମୃତ ସନ୍ଧାନରେ ସ୍ଥାନୀୟ ଗୌରୀ ଶଙ୍କର କଲ୍ୟାଣ ମଣ୍ଡପରେ ଲୋକାର୍ପିତ ହୋଇଯାଇଛି । ସଭାପତି ଡ଼ା. ସତ୍ୟ ରଂଜନ ଦାସଙ୍କ ସଭାପତିତ୍ୱ ଓ ସଂପାଦକ ଡ଼ ଭାଗବତ ପ୍ରସାଦ ଦାସଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ପୂର୍ବତନ ନୀଳଗିରି ବିଧାୟକ ପ୍ରଦୀପ୍ତ ପଣ୍ଡା, ମୁଖ୍ୟବକ୍ତା ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ କବି କାଳୀପଦ ପଣ୍ଡା, ସମୀକ୍ଷକ ଡ. ନରୋତ୍ତମ ପରିଡ଼ା, ଅନ୍ୟତମ ସମୀକ୍ଷକ ପଣ୍ଡିତ ନିରଞ୍ଜନ ସାହୁ, ବରେଣ୍ୟ ଅତିଥି ସାହିତ୍ୟିକ ସୃଷ୍ଟିଧର ପରିଡ଼ା, ସମ୍ମାନୀୟ ଅତିଥି ଆଇନଜିବୀ ବିଜୟ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ପୁସ୍ତକ ଦୟକୁ ଉନ୍ମୋଚନ କରି କବୟିତ୍ରୀ ଶ୍ରୀମତୀ ଦାସଙ୍କ ସାରସ୍ୱତ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ସମୀକ୍ଷକ ଡ. ପରିଡ଼ା ଗଳ୍ପ ପୁସ୍ତକ ସମୀକ୍ଷା କରିଥିବା ବେଳେ ପଣ୍ଡିତ ଶ୍ରୀଯୁକ୍ତ ସାହୁ କବିତା ପୁସ୍ତକ ଟିକୁ ସମୀକ୍ଷା କରିଥିଲେ । କବୟିତ୍ରୀ ଶ୍ରୀମତୀ ଦାସ ଲେଖକୀ ଅନୁଭୁତି ପ୍ରକାଶ କରିଥିବା ବେଳେ ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ଦେଇଥିଲେ । ସଭା ପ୍ରାରମ୍ଭରେ କୁନି ନୃତ୍ୟଶିଳ୍ପୀ ଆରପ୍ରିକା ଦାସ ସ୍ୱାଗତ ନୃତ୍ୟ, ଅଜିତ କୁମାର ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିଲେ ଓ କନ୍ୟା ସୁଚରିତା ଦାସ ମା'ଙ୍କ ପୁସ୍ତକ ଉପରେ ବକ୍ତବ୍ୟ ରଖିଥିଲେ । ସଭା ପ୍ରାରମ୍ଭରେ ବର୍ଷାନ୍ତ କବିତା ଆସରରେ ଗୀତ ସମ୍ପର୍କିତ ଏକ ମନୋଜ୍ଞ କବିତା ପାଠୋତ୍ସବ ବ୍ୟଙ୍ଗକବି ପ୍ରଭାକର ସାହୁ ଓ କବି ରବିନ୍ଦ୍ର କୁମାର ବିଶ୍ୱାଳ ସଂଯୋଜନା ରେ ଅନୁଷ୍ଠିତ ହୋଇଥିଲା । ସଭାପତିତ୍ୱ କରିଥିଲେ ସଙ୍ଗୀତ ଗୁରୁ ଗଙ୍ଗାଧର ସେଠୀ । କବିତା ପାଠ ଉତ୍ସବରେ ଗର୍ଗପଦ ପଣ୍ଡା, ଯୋଗେଶ ଚନ୍ଦ୍ର ବେହେରା, ପ୍ରଭାତ କୁମାର ଆଚାର୍ଯ୍ୟ, ତପନ କୁମାର ଦାସ, ଜୟଶ୍ରୀ ମିଶ୍ର, କରୁଣାକର ଖଟୁଆ, ଚକ୍ରଧର ଦାସ, ଶାନ୍ତିଲତା ପାତ୍ର ପ୍ରମୁଖ କବିତା ପାଠ କରି ସହଯୋଗ କରିଥିଲେ ।

## ଜାନୁଆରୀ ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ

ବଲାଙ୍ଗିର,(ପି.ଏନ): ଜାନୁଆରୀ ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି । ତଦନୁସାରେ ଜାନୁଆରୀ ମାସ ୨ ତାରିଖ ସକାଳ ୧୦ଟା ୩୦ ମିନିଟ ସମୟରେ ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟ ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ, ୯ ତାରିଖରେ ପାଟଣାଗଡ ବ୍ଲକ ଅନ୍ତର୍ଗତ ଝୁଟସମଲେଇ ଗ୍ରାମପଂଚାୟତ କାର୍ଯ୍ୟାଳୟ ଠାରେ, ୧୬ ତାରିଖରେ ପୁଇଁତଳା ବ୍ଲକ ଅନ୍ତର୍ଗତ ଅଙ୍କରିଆପଦର ଗ୍ରାମପଂଚାୟତ କାର୍ଯ୍ୟାଳୟ ଠାରେ, ୨୪ ତାରିଖରେ ସଇଁତଳା ବ୍ଲକ ଅନ୍ତର୍ଗତ ବେଲଗାଁ କଲ୍ୟାଣ ମଣ୍ଡପ ଠାରେ ଓ ୩୧ ତାରିଖ ଦିନ ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ତେଲେନପାଳି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ଆଇନଜୀବୀ ସଂଘର ୫୧ତମ ବାର୍ଷିକ ଅଧିବେଶନ




ଦର୍ପଣ, (ପି.ଏନ)- ଯାଜପୁର ଜିଲ୍ଲା ଚଣ୍ଡିଖୋଲ ବିଜୁ କଲ୍ୟାଣ ମଣ୍ଡପ ଠାରେ ନିଖିଳ ଓଡିଶା ଆଇନଜୀବୀ ସଂଘର ୫୧ତମ ବାର୍ଷିକ ଅଧିବେସନ ସଂଘର ରାଜ୍ୟ ସଭାପତି ଗୋପାଳକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଲୋକାୟୁକ୍ତ ସଦସ୍ୟ ନ୍ୟାୟମୂର୍ତ୍ତି ବିଜୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସେ କହିଲେ ଆଇନଜୀବୀ ମାନେ ସ୍ୱାଭିମାନ ସାମାଜିକ ସମ୍ମାନ କୁ ଗୁରୁତ୍ୱ ଦେଇ ନିଜର ବୃତିକୁ ଜାରି ରଖିବା ଉଚିତ । ଭିନ୍ନତା ନରଖି ଏକାଠି ହୋଇ କାର୍ଯ୍ୟକଲେ ନ୍ୟାର୍ଯ୍ୟଦାବୀ ହାସଲ ହୋଇପାରିବ ବୋଲି ସେ କହିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ନ୍ୟାୟମୂର୍ତ୍ତି ମଦନ ମୋହନ ଦାସ ଯୋଗଦେଇ କେବଳ ପଇସା ପାଇଁ ନୁହେଁ ସାମାଜିକ ଦାୟିତ୍ୱବୋଧତା, ସାମାଜିକ ସୁରକ୍ଷା, ଗରିବ ଦୁସ୍ଥ ଲୋକମାନଙ୍କ ପାଇଁ ସ୍ୱର ଉଠାଇବାର ଆଭଶ୍ୟକତା ରହିଛି । ଓକିଲ ମାନଙ୍କ ଉପରେ ସମାଜ ବହୁତ କିଛି ଆଶା କରୁଛି ଇତିହାସ ସମସ୍ତେ ଜାଣନ୍ତି ଓକିଲ ମାନଙ୍କ ଭୁମିକା ତେଣୁ ଧୈର୍ଯ୍ୟ ଓ ସାହାସର ସହିତ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ବଡଚଣାର ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ସଂଘ ରାଜ୍ୟସ୍ତରୀୟ ସମାବେଶ ଆମ ଅଂଚଳ ଚଣ୍ଡିଖୋଲ ଠାରେ ଆୟୋଜନ କରିଥିବାରୁ ସେ ସାଧୁବାଦ ଜଣାଇଥିଲେ । ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ଆଇନଜୀବୀ ପରିଷଦର ପ୍ରାକ୍ତନ ଅଧକ୍ଷ ମାନସ ରଞ୍ଜନ ମହାପାତ୍ର, ସାଇଦର୍ଶନର ସଂପାଦକ ମନୋରଞ୍ଜନ ମହାପାତ୍ର, ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ମହାନ୍ତି, ସଂଘର ପ୍ରାକ୍ତନ ସବାପତି ଶିଶିର କୁମାର ପାଢୀ, ଉପସଭାପତି ପ୍ରଦୀପ ପଣ୍ଡା, ସଞ୍ଜୟ କୁମାର ଦାସ, ଜ୍ୟୋତିପ୍ରକାଶ ଦାସ, ହାଇକୋର୍ଟ ବାର ଆସୋସିଏସନର ସଭାପତି କାଳୀପ୍ରସନ୍ନ ମିଶ୍ର, ଅଭ୍ୟର୍ଥନା କମିଟିର ଅଧକ୍ଷ ଶରତ କୁମାର ଷଡଙ୍ଗୀ, ଚଣ୍ଡିଖୋଲ ଓକିଲ ସଂଘ ସଂପାଦକ ପ୍ରକାଶ କୁମାର ଦାଶ ପ୍ରମୁଖ ଉଦବୋଧନ ଦେଇଥିଲେ । ପ୍ରସନ୍ନ କୁମାର ନନ୍ଦଙ୍କ ସଂଚାଳନରେ ଆହୁତ ସଭାରେ ସଂପାଦକ ଶୁଶାନ୍ତ କୁମାର ବରାଳ ସଂପାଦକୀୟ ବିବରଣୀ ପାଠ କରିଥିଲେ । ପ୍ରାରମ୍ଭରେ ଚଣ୍ଡିଖୋଲ କୋର୍ଟ ପରିସରରେ ଥିବା ଉକରଳ ଗୌରବ ମଧୁସୁଦନା ଦାସ, ମହାତ୍ମା ଗାନ୍ଧୀ ଓ କୋର୍ଟ ସାମ୍ନାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତିରେ ଅତିଥି ମାନେ ମାଲ୍ୟାର୍ପଣ କରିଥିଲେ । ସଭା ପ୍ରାରମ୍ଭରେ ପ୍ରାକ୍ତନ ସଭାପତି ବିଚିତ୍ର କୁମାର ବଡଜେନାଙ୍କ ସ୍ମୃତି ଉଦ୍ଦେଶ୍ୱରେ ୨ ମିନିଟି ନୀରବ ପ୍ରାର୍ଥନା କରାଯାଇଥିଲା । ଉତ୍କର୍ଷ ସେବା ନିମନ୍ତେ ବରିଷ୍ଠ ଆଇନଜୀବୀ ଡ. ଅହଲି ଚରଣ ମହାନ୍ତି, ପ୍ରଦୀପ୍ତ କୁମାର ମହାନ୍ତି, ମନୋରଞ୍ଜନ ମହାନ୍ତି, ଧରଣୀଧର ନାୟକ, ବିଜୟ କୁମାର ଦାଶ, ଦେବୀ ପ୍ରସାଦ ଧଳ, ବୁଦ୍ଧଦେବ ରାଉତରାୟ, ମନୋଜ କୁମାର ମିଶ୍ର, ସୁରେନ୍ଦ୍ର ସାହୁ, ବିଦ୍ୟାଧର ପ୍ରଧାନ, ପ୍ରଭାସ ଚନ୍ଦ୍ର ଜେନା, ମିଲନ ବଡୁ, ଦିନେଶ ରଏ, ତ୍ରିଲୋଚନ ବରାଳ,ପ୍ରଶାନ୍ତ କୁମାର ସାହୁ, ଶରତ କୁମାର ଷଡଙ୍ଗୀ, ଦେବରାଜ ବେହେରା ଓ ପ୍ରକାଶ କୁମାର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅପରାହ୍ନରେ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇ ୨ ବର୍ଷ ପାଇଂ କର୍ମକର୍ତା ନିର୍ବାଚିତ ହୋଇଥିଲେ । ଏଥିରେ ମାନସ ରଞ୍ଜନ ମହାପାତ୍ର ସଭାପତି, କାର୍ଯ୍ୟକାରୀ ସଭାପତି ଜ୍ୟୋତିପ୍ରକାଶ ରଥ, ସାଧାରଣ ସଂପାଦକ ଅନିଲ କୁମାର ପରିଡା ଓ କାର୍ଯ୍ୟକାରୀ ସଂପାଦକ ପ୍ରକାଶ କୁମାର ଦାଶ, ଉପସଭାପତି ଭାବେ ସବଶ୍ରୀ ପ୍ରଦିପ କୁମର ପଣ୍ଡା, ଦେବରାଜ ବେହେରା, ଧ୍ରୁବ ଚରଣ ଜେନା, ସୁଶାନ୍ତ କୁମାର ବରାଳ, ସଞ୍ଜୟ କୁମାର ଦାସ, ସନ୍ତୋଷ କୁମାର ନାୟକ, ସୁଧାଁସୁ କୁମାର ଦାସ, ଯୁଗ୍ମ ସଂପାଦକ ଶେଷରଞ୍ଜନ ଦାଶ, ପ୍ରମୋଦ କୁମାର ଜେନା, ସୂର୍ଯ୍ୟରଞ୍ଜନ ମିଶ୍ର, ତ୍ରିଲୋଚନ ବରାଳ, ସନ୍ଦିପ କୁମାର ମିଶ୍ର,ଛବିଳ ମିଶ୍ର, ସାଂଗଠନିକ ସଂପାଦକ ଭାବେ ନିରଞ୍ଜନ ପ୍ରସାଦ୍ ମିଶ୍ର, ଶିଶିର କୁମାର ରାଉତ, ଅନିଲ କୁମାର ପ୍ରମୁଖ ନିର୍ବାଚିତ ହୋଇଛନ୍ତି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray